# ବିଦାୟ ନେଲେ ବିଦ୍ୟାଦାତା

ଢେଙ୍କାନାଳ ଅଫିସ,୧୯।୯

■ଆକର୍ଷଣ ସାଜିଲେ ରଥାରୂଢ଼ ଗଜାନନ

■ନୃତ୍ୟ, ଗୀତରେ ଦୁଲୁକିଲା ସହର

ବିଦାୟ ନେଇଛନ୍ତି ବିଦ୍ୟାଦାତା ଶ୍ରୀଗଣେଶ। ଘଣ୍ଟଘଣ୍ଟା, ଖୋଳତାଳ, ପାରମ୍ପରିକ ବାଦ୍ୟ, ସଂକୀର୍ତ୍ତନ ମଣ୍ଡଳୀ, ଆଧୁନିକ ନୃତ୍ୟଗୀତ ମଧ୍ୟରେ ବିଘ୍ନବିନାଶକଙ୍କୁ ବୁଧବାର ମେଲାଣି ଦେଇଛନ୍ତି ଢେଙ୍କାନାଳବାସୀ। ଗଣପତି ବାପ୍ପା ମୋରିୟା..., ବକ୍ରତୁଣ୍ଡ ମହାକାୟ...ଧ୍ୱନିରେ ସମଗ୍ର ପରିବେଶ ମୁଖରିତ ହୋଇଉଠିଥିବାବେଳେ ଏଥିରେ ସାମିଲ ହୋଇଥିଲେ ହଜାର ହଜାର ଶ୍ରଦ୍ଧାଳୁ।

ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହୋଇଛି ଢେଙ୍କାନାଳର ଭସାଣି ଉତ୍ସବ। ଚଳିତବର୍ଷ ୩୩ଟି ମେଢରୁ ୩୧ଟି ମିଳିତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସବୁଠାରୁ ଆକର୍ଷଣ ସାଜିଥିଲା ବଜରଙ୍ଗ କ୍ଲବ ପୂଜା ପ୍ରତିଷ୍ଠାନର ମେଢ। ଶ୍ରୀଜଗନ୍ନାଥରୂପୀ ଗଣେଶଙ୍କୁ ରଥାରୂଢ଼ କରାଯାଇ ଭସାଣି ଶୋଭଯାତ୍ରାରେ ସାମିଲ କରାଯାଇଥିଲା।

ପୂର୍ବ ନିର୍ଦ୍ଧାରିତ ନିଷ୍ପତ୍ତି ଅନୁଯାୟୀ ପୂର୍ବାହ୍ନ ୮ଟା ସୁଦ୍ଧା ସମସ୍ତ ମେଢ଼ ଆସ୍ଥାନ ଛାଡ଼ି ମିନି ଷ୍ଟାଡିୟମରେ ପହଞ୍ଚିଥିଲେ। ସେଠାରେ କ୍ରମିକ ନମ୍ବର ପାଇଁ ଲଟେରି ଉଠାଯାଇଥିଲା। ମିଳିତ ପୂଜା କ୍ରିୟାନୁଷ୍ଠାନ କମିଟି ସଭାପତି ତଥା ନଗରପାଳ ସୁଧାଂଶୁ କୁମାର ଦଳେଇଙ୍କ ଅଧ୍ୟକ୍ଷତାରେ ଛୋଟ ପିଲାମାନେ ଲଟେରି ଉଠାଇଥିଲେ। ୧ନଂ.ରେ କୁଞ୍ଜକାନ୍ତ କ୍ରିଷ୍ଣାବଜାର, ୨ନଂ.ରେ ଗଣେଶ ବଜାର, ୩ନଂ.ରେ ବିକାଶ ୟୁଥ୍ କ୍ଲବ ଖମାରସାହି, ୪ନଂ.ରେ ମହାବୀର ବଜାର ପୂଜା କମିଟି ଶୋଭାଯାତ୍ରାରେ ରହିଥିଲେ। ଏହାପରେ ଅନ୍ୟ ମେଢଗୁଡ଼ିକ କ୍ରମିକ ସଂଖ୍ୟା ଅନୁଯାୟୀ ଧାଡ଼ିରେ ଆସିଥିଲେ। ଏସ୍‌ପି ସନ୍ତୋଷ କୁମାର ନାୟକ, ଉପଜିଲାପାଳ ପୀତାମ୍ବର ସାମଲ, ପ୍ରେସ୍ କ୍ଲବ ସଭାପତି ଶଶିମୌଳି ରଥ, ମିଳିତ ଗଣେଶ ପୂଜା କ୍ରିୟାନୁଷ୍ଠାନ କମିଟି ଉପସଭାପତି ଲକ୍ଷ୍ମୀଧର ଦଳେଇ, ସମ୍ପାଦକ ବିଶ୍ୱନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଲଟେରି ଉଠାଣ ପରେ ପୂର୍ବାହ୍ନ ୯ଟାରେ ଆରମ୍ଭ ହୋଇଥିଲା ଭସାଣି ଶୋଭାଯାତ୍ରା। ବ୍ୟାଣ୍ଡ ପାର୍ଟି, ଘୋଡ଼ାନାଚ, ଦୁଲୁଦୁଲି ସାଙ୍ଗକୁ କିନ୍ନର ଏବଂ ପୂଜା ପ୍ରତିଷ୍ଠାନର କର୍ମକର୍ତ୍ତାଙ୍କ ନୃତ୍ୟ ବେଶ୍ ମନୋଲୋଭା ହୋଇଥିଲା। ସନ୍ଧ୍ୟା ସାଢ଼େ ୬ଟା ସୁଦ୍ଧା ଅଧିକାଂଶ ମେଢ଼ କାଠଶଙ୍ଖ ନାଳ ଓ କୁଞ୍ଜକାନ୍ତ ପୋଖରୀରେ ବିସର୍ଜିତ ହୋଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୪ ପ୍ଲାଟୁନ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ ହୋଇଥିଲେ।


ଢେଙ୍କାନାଳରେ ଅନୁଷ୍ଠିତ ଭସାଣି ଶୋଭାଯାତ୍ରା।


ବଜରଙ୍ଗ କ୍ଲବ ପୂଜା ପ୍ରତିଷ୍ଠାନର ମେଢ଼।

# ବାଜାବାଣରେ କମ୍ପିଲା ପରିବେଶ

ପରଜଙ୍ଗ/ଭୁବନ, ୧୯।୯(ଡି.ଏନ୍.ଏ.)

ପରଜଙ୍ଗରେ ବୁଧବାର ଧୁମ୍‌ଧାମରେ ଗଣେଶପୂଜା ଭସାଣି ଉତ୍ସବ ସମ୍ପନ୍ନ ହୋଇଛି। ଅପରାହ୍ନ ୫ଟାରେ ସହରର ୧୦ ମଣ୍ଡପରେ ପୂଜା ପାଉଥିବା ମେଢ ଡାକ୍ତରଖାନା ନିକଟ ମେଳଣ ପଡ଼ିଆରେ ଏକାଠି ହୋଇଥିଲେ। ଲଟେରି ଉଠାଣ ପରେ କ୍ରମାନ୍ୱୟରେ ମେଢ଼ଗୁଡ଼ିକ ଶୋଭାଯାତ୍ରାରେ ବାହାରିଥିଲେ। ବାଜାବାଣ, ଡିଜେ, ଭାଙ୍ଗଡ଼ା ଓ ଆଦିବାସୀ ନୃତ୍ୟରେ ଅଞ୍ଚଳ ଦୁଲୁକି ଉଠିଥିଲା। ପତିତପାବନ ପୂଜା କମିଟି, ଲାୟନ୍ସ କ୍ଲବ, ଫ୍ରେଣ୍ଡସ୍ କ୍ଲବ, ସାଇନ୍ ଷ୍ଟାର କ୍ଲବ, କିଙ୍ଗଷ୍ଟାର କ୍ଲବ୍, ଦ ଇଗଲ କ୍ଲବ, ଗ୍ରୀନ ମାକ୍ସ କ୍ଲବ, ରାଇଜିଂ ଷ୍ଟାର, ବ୍ଲାଷ୍ଟର କ୍ଲବ, ଜୟଜଗନ୍ନାଥ କ୍ଲବ, ବଜରଙ୍ଗବାଲୀ ପୂଜା କମିଟି ଏଥିରେ ସାମିଲ ହୋଇଥିଲେ। ସୁବ୍ରତ ଦାସ, ଦୀପକ ଦଳବେହେରା, ଆଲୋକ ସାମଲ, ଅମୃତାନନ୍ଦ ଦଳବେହେରା, ରାଜେଶ ଦଳବେହେରା, ଅଜିତ ସାମଲ, ସନ୍ତୋଷ ସାହୁଙ୍କ ସମେତ ସ୍ଥାନୀୟ ପୋଲିସ ଶାନ୍ତିଶୃଙ୍ଖଳା ରକ୍ଷାରେ ନିୟୋଜିତ ହୋଇଥିଲେ।

ସେହିପରି ଭୁବନରେ ଶାନ୍ତିଶୃଙ୍ଖଳାର ସହ ଗଣେଶ ପୂଜା ଭସାଣି ଶେଷ ହୋଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ, ମେଳଣ ପଡ଼ିଆରେ ଏକାଠି ହୋଇଥିବା ୧୯ଟି ମେଢ଼କୁ ରାମ ମନ୍ଦିର ନିକଟକୁ ଅଣାଯାଇଥିଲା। ସହର ସଙ୍ଗଠନ ସଭାପତି ବାସୁଦେବ ବେହେରା ଏହାକୁ ଉଦ୍‌ଘାଟନ କରିବା ପରେ ସୁସଜ୍ଜିତ ମେଢ଼ ସହର ପରିକ୍ରମାରେ ବାହାରିଥିଲେ। ଅତ୍ୟାଧୁନିକ ବାଜା, ଲଉଡ଼ିଖେଳ, ଭାଙ୍ଗଡ଼ା ସାଙ୍ଗକୁ ଯୁବକମାନଙ୍କ ରଙ୍ଗାରଙ୍ଗ ନୃତ୍ୟ ଶୋଭାଯାତ୍ରାକୁ ଅଧିକ ଆକର୍ଷଣୀୟ କରିଥିଲା। ଶାନ୍ତି କମିଟି, ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ସମସ୍ତ ମେଢ଼ ବ୍ରାହ୍ମଣୀ ନଦୀରେ ବିସର୍ଜିତ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁ ଶୋଭାଯାତ୍ରାରେ ସାମିଲ ହୋଇ ଗଣପତିଙ୍କୁ ବିଦାୟ ଦେଇଥିଲେ।


ପରଜଙ୍ଗରେ ଅନୁଷ୍ଠିତ ଭସାଣି ଶୋଭାଯାତ୍ରା।

## ଠିକାସଂସ୍ଥା କ୍ୟାମ୍ପରୁ ଲୁଟ୍, ୨ ଅଟକ

ପରଜଙ୍ଗ, ୧୯।୯(ଡି.ଏନ୍.ଏ.)

ପରଜଙ୍ଗ ଥାନା କନ୍ଦରସିଂହା ମଝିକା ନିକଟରେ ଥିବା ରେଳ ବିଭାଗ ଠିକାସଂସ୍ଥା କ୍ୟାମ୍ପରୁ ମଙ୍ଗଳବାର ଭୋର୍‌ରୁ ଲୁଟ୍ ହୋଇଛି। ସୁରକ୍ଷା ଦାୟିତ୍ୱରେ ଥିବା ଜଗୁଆଳିଙ୍କୁ ମାଡ଼ମାରି ୫ରୁ ୬ଜଣ ଦୁର୍ବୃତ୍ତ ଲୁହା ଯନ୍ତ୍ରାଂଶ ଲୁଟ୍‌ପାଟ କରିଛନ୍ତି। ଏ ନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ସନ୍ଦେହରେ ଦୁଇଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଖୁବ୍‌ଶୀଘ୍ର ଘଟଣାର ପର୍ଦ୍ଦାଫାଶ ହେବ ବୋଲି ଏସ୍‌ଆଇ ଅନାଦି ଚରଣ ପଟ୍ଟାୟତ ସୂଚନା ଦେଇଛନ୍ତି। ଅଭିଯୋଗ ଅନୁଯାୟୀ, ଭୋର୍‌ରୁ ଏକ ପିକ୍‌ଅପ୍ ଗାଡ଼ିରେ ୫ରୁ ୬ଜଣ ଯୁବକ ଠିକା ସଂସ୍ଥା କ୍ୟାମ୍ପରେ ପଶିବାକୁ ଉଦ୍ୟମ କରିଥିଲେ। ସେଠାରେ ନିୟୋଜିତ ରାତ୍ର ଜଗୁଆଳିଙ୍କୁ ସେମାନେ ଧମକ ଚମକ ଦେବା ସହ ଭୁଜାଲିରେ ଆକ୍ରମଣ କରିଥିଲେ। ଆତ୍ମରକ୍ଷା କରିବାକୁ ଯାଇ ଜଗୁଆଳି କ୍ୟାମ୍ପ ଛାଡ଼ି ଦୌଡ଼ି ପଳାଇଥିଲେ ଏବଂ ଘଟଣା ସମ୍ପର୍କରେ ଠିକାସଂସ୍ଥା ମାଲିକ ଉଦୟ ମହାଭୋଇଙ୍କୁ ଜଣାଇଥିଲେ। ସୂଚନା ପାଇ ପୋଲିସ ପହଞ୍ଚିବା ବେଳକୁ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ଏଥିରେ ସ୍ଥାନୀୟ ଅଞ୍ଚଳର କେତେଜଣଙ୍କ ସମ୍ପୃକ୍ତି ଥିବା ସନ୍ଦେହ କରାଯାଉଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି।

## ଗ୍ରୋସରି ଦୋକାନରୁ ମଦ ଜବତ

ଭୁବନ, ୧୯।୯(ଡି.ଏନ.ଏ.)

ବେଆଇନ ମଦ ବିକ୍ରି ଅଭିଯୋଗରେ ଭୁବନ ଥାନା ଯମୁନାକୋଟ ଗ୍ରାମର ଚନ୍ଦ୍ରମଣି ସାହୁ (୫୪)ଙ୍କୁ ପୋଲିସ ଗିରଫ କରିଛି। ଚନ୍ଦ୍ରମଣି ତାଙ୍କ ଗ୍ରୋସରି ଦୋକାନରେ ମଦ ବିକ୍ରି କରୁଥିବା ସୂଚନା ପାଇ ଏସ୍‌ଆଇ ପଙ୍କଜ ମାଝିଙ୍କ ନେତୃତ୍ୱରେ କର୍ମଚାରୀମାନେ ଚଢ଼ାଉ କରିଥିଲେ। ଏ ସଂକ୍ରାନ୍ତରେ ନଂ. ୧୭୫/୧୮ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

airtel

**ନିରପେକ୍ଷ ବିଜ୍ଞପ୍ତି**

**ଭାରତୀ ଏୟାରଟେଲ ଲିମିଟେଡ**

ଏତଦ୍ୱାରା ଓଡ଼ିଶା ଟେଲିକମ୍ ସର୍କଲରେ ଏୟାରଟେଲ ସର୍ଭିସ୍ କ୍ଷେତ୍ରରେ ସଂପୃକ୍ତ ସମସ୍ତଙ୍କୁ ଏବଂ ପୃଷ୍ଠପୋଷକମାନଙ୍କୁ ଅବଗତ କରାଯାଉଛି ଯେ 31 ମାର୍ଚ୍ଚ, 2017 ପୂର୍ବରୁ ଜାରି କରାଯାଇଥିବା ନିମ୍ନଲିଖିତ କ୍ରମିକ ସଂଖ୍ୟା ବିଶିଷ୍ଟ ସମସ୍ତ ରିଚାର୍ଜ କୁପନର ବୈଧତା 25 ସେପ୍ଟେମ୍ବର, 2018 ତାରିଖ ପରେ ଶେଷ ହୋଇଯିବ।

ତେଣୁ, କୌଣସି ପ୍ରକାର ଅସୁବିଧା ଏଡ଼େଇବା ପାଇଁ 25 ସେପ୍ଟେମ୍ବର, 2018 ସୁଦ୍ଧା ନିମ୍ନଲିଖିତ କୁପନଗୁଡ଼ିକୁ ବ୍ୟବହାର କରିନେବା ନିମନ୍ତେ ସଂପୃକ୍ତ ସମସ୍ତଙ୍କୁ ପରାମର୍ଶ ଦିଆଯାଉଛି। 25 ସେପ୍ଟେମ୍ବର, 2018 ପରେ ଭାରତୀ ଏୟାରଟେଲ ଲିମିଟେଡ ଏହି ଭଳି ରିଚାର୍ଜ କୁପନଗୁଡ଼ିକର ବିନିମୟ ଏବଂ/ବା ଏହି ସବୁ କୁପନ କ୍ଷେତ୍ରରେ କୌଣସି ଟ୍ରାଞ୍ଜାକ୍‌ସନ କରିବା ପାଇଁ କୌଣସି ଅନୁରୋଧ ଗ୍ରହଣ କରି ପାରିବ ନାହିଁ। ଅଧିକନ୍ତୁ, 25 ସେପ୍ଟେମ୍ବର, 2018 ପରେ ନିମ୍ନଲିଖିତ ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକ କ୍ଷେତ୍ରରେ କୌଣସି ରିଚାର୍ଜ/ଟ୍ରାଞ୍ଜାକ୍‌ସନ ସମ୍ବନ୍ଧୀୟ କୌଣସି ପ୍ରକାରର ବାଧ୍ୟବାଧକତା, ଦାବୀ, କ୍ଷୟକ୍ଷତି, ପ୍ରଭୃତି ଉପୁଜିଲେ, ସେଥିପାଇଁ ଭାରତୀ ଏୟାରଟେଲ ଲିମିଟେଡ ଦାୟବଦ୍ଧ ରହିବ ନାହିଁ।

ଓଡ଼ିଶା ଟେଲିକମ ସର୍କଲର ତାଲିକାଭୁକ୍ତ ରିଚାର୍ଜ କୁପନଗୁଡ଼ିକର କ୍ରମିକ ସଂଖ୍ୟାର ରେଞ୍ଜ୍ 1341612000000504ରୁ 1341701025533121।

**ଭାରତୀ ଏୟାରଟେଲ ଲିମିଟେଡ ପକ୍ଷରୁ ପ୍ରକାଶିତ**
ରେଜିଷ୍ଟର୍ଡ ଅଫିସ୍ : ଭାରତୀ କ୍ରିସେଣ୍ଟ, 1, ନେଲ୍‌ସନ ମଣ୍ଡେଲା ରୋଡ,
ବସନ୍ତକୁଞ୍ଜ, ଫେଜ୍ II, ନୂଆ ଦିଲ୍ଲୀ – 110 070
ସର୍କଲ ଅଫିସ : ଭାରତୀ ହାଉସ, E-13/1, ଇନ୍‌ଫୋସିଟି,
ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍, ଚନ୍ଦ୍ରଶେଖରପୁର, ପଟିଆ,
ଭୁବନେଶ୍ୱର–751 024



## ସଂକ୍ଷେପରେ

### ଗୋରୁ ବୋଝେଇ ପିକଅପ୍ ଜବତ, ୨ ଗିରଫ



**ଖଇରା,୧୯।୯(ଡି.ଏନ.ଏ):** ସୋର -କୁପାରୀ ରାସ୍ତାରେ ଏକ ଟାଟା ଏସି ଗାଡିରେ ୬ଟି ଗୋରୁ ବେଆଇନ ଭାବେ ନିଆଯାଉଥିବା ବେଳେ ତୁଡିଗଡିଆ ବଜାରବାସୀ ଅଟକାଇ ଖଇରା ପୋଲିସକୁ ହସ୍ତାନ୍ତର କରିଛନ୍ତି। ଖଇରା ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୨୩୦/୧୮)ରୁଜୁକରି ଡ୍ରାଇଭର ମିର ଇମତାଜଙ୍କ ସମେତ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ବୁଧବାର ପୂର୍ବାହ୍ନରେ ଗୋରୁମାନଙ୍କୁ ନିଆଯାଉଥିବା ବେଳେ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖି ତୁଟୋ ଗ୍ରାମର କମଳାକାନ୍ତ ମାହାନାଙ୍କ ନେତୃତ୍ୱରେ ସ୍ଥାନୀୟ ବଜାରବାସୀ ଗାନ୍ଧୀଛକ ନିକଟରେ ଗାଡିକୁ ଅଟକାଇ ଖଇରା ପୋଲିସକୁ ଖବର ଦେଇଥିଲେ। ଏଏସଆଇ ପ୍ରଦୀପ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଗାଡି ଓ ଗୋରୁ ଜବତ କରି ଥାନାକୁ ଆଣିଥିଲେ। ଏଠାରେ ପ୍ରକାଶ ଥାଉକି ପ୍ରଶାସନର ଅଙ୍କୁଶ ରହୁ ନ ଥିବାରୁ ବାରମ୍ବାର ଏଭଳି ବେଆଇନ ଗୋରୁଚାଲାଣ ହେଉଥିବା ଅଭିଯୋଗ ହେଉଛି।

### ଗଛରୁ ଝୁଲନ୍ତା ମୃତଦେହ ଉଦ୍ଧାର

**ଔପଦା,୧୯।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ଔପଦା ବ୍ଲକର ରାଏରାମଚନ୍ଦ୍ରପୁର ପଞ୍ଚାୟତ କେତିକଝୁରି ଗ୍ରାମର ବଙ୍ଗାଳି ଦଣ୍ଡପାଟ (୨୮)ଙ୍କ ଝୁଲନ୍ତା ମୃତଦେହ ମହିଷାଡ଼ାଳି କେନ୍ଦୁପଦା ହାଟ ପଛ ଜଙ୍ଗଲରୁ ଉଦ୍ଧାର ହେବା ବିଷୟ ଆଖପାଖ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଗ୍ରାମବାସୀଙ୍କ ଦ୍ୱାରା ଥାନାକୁ ଖବର ଦିଆଯିବା ପରେ ଔପଦା ପୋଲିସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ଗାମୁଛାରେ ଫାଶି ଦେଇଥିବା ମୃତଦେହକୁ ଗଛରୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପାଇଁ ନିକଟସ୍ଥ ସୋର ଡାକ୍ତରଖାନାକୁ ପଠାଇଛି। ଔପଦା ଥାନା ଅଧିକାରୀ ପ୍ରଶାନ୍ତ କୁମାର ଜେନାଙ୍କ ସହ ଯୋଗାଯୋଗ କରିବାରୁ ଏନେଇ ତଦନ୍ତ ଚାଲିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ପ୍ରକୃତ ବିଷୟ ଜଣାପଡ଼ିବ ବୋଲି କହିଛନ୍ତି। କେତେକ ଏହାକୁ ଆତ୍ମହତ୍ୟା କହୁଥିବା ବେଳେ ଆଉ କେତେକ ହତ୍ୟା ବୋଲି ସନ୍ଦେହ ପ୍ରକାଶ କରୁଥିବା ଶୁଣିବାକୁ ମିଳୁଛି। ଏହାକୁ ନେଇ ଔପଦା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧୦।୧୮) ରୁଜୁ ହୋଇଛି।

### ପୋଡ଼ି ହୋଇ ମହିଳା ମୃତ, ସ୍ୱାମୀ ଅଟକ

**ସିମୁଳିଆ,୧୯।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ସିମୁଳିଆ ଥାନା ମଇତାପୁର ପଞ୍ଚାୟତ ଅଧୀନ କମାରପାଟଣା ଅଞ୍ଚଳରେ ନରହରି ଶିଅଳଙ୍କ ସ୍ତ୍ରୀ ଉର୍ମିଳା(୧୯) ମଙ୍ଗଳବାର ମଧ୍ୟାହ୍ନରେ ନିଆଁରେ ପୋଡ଼ି ହୋଇ ମୃତ୍ୟୁବରଣ କରିଛନ୍ତି। ସେ ରୋଷେଇ କରୁଥିବା ବେଳେ ତାଙ୍କ ପିନ୍ଧା ଶାଢୀରେ ନିଆଁ ଲାଗିଯାଇଥିବା ପରିବାର ଲୋକେ କହିଛନ୍ତି। ଅନ୍ୟପକ୍ଷେ ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଭଦ୍ରକ ଡାକ୍ତରଖାନା ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ପୋଲିସ ଏକ ମାମଲା (ନଂ.୨୪୪/୧୮) ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଥିବା କହିଛି। ଏହି ଘଟଣା ନେଇ ନାନା ସନ୍ଦେହ ପ୍ରକାଶ ପାଇଛି।

### ସାପ କାମୁଡାରେ ମହିଳାଙ୍କ ମୃତ୍ୟୁ

**ସୋର,୧୯।୯(ଡି.ଏନ.ଏ.):** ବାଲେଶ୍ୱର ଜିଲା ସୋର ଥାନା ଅନ୍ତର୍ଗତ ଗୁହାଳଡ଼ିହ ଗ୍ରାମର ସରୋଜିନୀ ନାୟକ ନାମ୍ନୀ ଜଣେ ମହିଳାଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି । ୧୨ତାରିଖ ସନ୍ଧ୍ୟାରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ସୋର ଡ଼ାକ୍ତରଖାନା ପରେ ଗୁରୁତର ହେବାରୁ କଟକର ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ବୁଧବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି ।

## ■ସଙ୍କଟରେ ବ୍ରିଟିଶ୍ ଅମଳର କୁକୁଡ଼ା ଚିଆଁ ପ୍ରଜନନ କେନ୍ଦ୍ର

# ମାସେ ସ୍ଥାନରେ ଲାଗୁଛି ୬ ମାସ

**ଅନୁଗୋଳ ଅଫିସ, ୧୯।୯**

■ମିଳୁନି ପର୍ଯ୍ୟାପ୍ତ ପରିମାଣର ଅଣ୍ଡା

■ଆବଶ୍ୟକ କର୍ମଚାରୀ ନାହାନ୍ତି

■ଭାଙ୍ଗିରୁଜି ଗଲାଣି ଅନେକ ଗୃହ

ବ୍ରିଟିଶ୍ ଶାସନ କାଳର ଅନୁଗୋଳ କୁକୁଡ଼ା ଚିଆଁ ପ୍ରଜନନ କେନ୍ଦ୍ର ଏବେ ସଙ୍କଟରେ। ଦିନ ଥିଲା ପ୍ରତି ମାସରେ ଏଠାରୁ ଚିଆଁ ଉତ୍ପାଦନ କରାଯାଇ ରାଜ୍ୟର ବିଭିନ୍ନ ଅଞ୍ଚଳକୁ ପଠାଯାଉଥିଲା। କିନ୍ତୁ ଏବେ ଚିଆଁ ଉତ୍ପାଦନ କରିବାକୁ ମାସେ ନୁହେଁ, ୬ ମାସ ଅପେକ୍ଷା କରିବାକୁ ପଡୁଛି। ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ପରିମାଣର ଅଣ୍ଡା ମିଳୁ ନ ଥିବାରୁ ଚିଆଁ ଉତ୍ପାଦନ ଏପରି ହ୍ରାସ ପାଇଥିବା ସୂଚନା ମିଳିଛି। ଏପରି କି ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ଉତ୍ପାଦନ କମ୍ ରହିଛି।

ପ୍ରଜନନ କେନ୍ଦ୍ର ଦାୟିତ୍ୱରେ ଥିବା ଅଧିକାରୀ ଡାକ୍ତର ଭରତ ଚନ୍ଦ୍ର ଗଡ଼ନାୟକଙ୍କ କହିବା ଅନୁଯାୟୀ, ସାରା ରାଜ୍ୟରେ ଅନୁଗୋଳ କୁକୁଡ଼ା ଚିଆଁ ଉତ୍ପାଦନ କେନ୍ଦ୍ରର ଚାହିଦା ଥିଲା। ବିଶେଷକରି ଏଠାକାର ବନରାଜି କୁକୁଡ଼ା ନେବାକୁ ବିଭିନ୍ନ ଅଞ୍ଚଳରୁ ଆଗ୍ରହ ପ୍ରକାଶ ପାଉଥିଲା। ଏଥିସହ ଅଣ୍ଡା ମଧ୍ୟ ବିକ୍ରି କରାଯାଉଥିଲା। ହେଲେ କିଛି ବର୍ଷ ମଧ୍ୟରେ ପରିସ୍ଥିତି ସମ୍ପୂର୍ଣ୍ଣ ଓଲଟି ଯାଇଛି। ବର୍ତ୍ତମାନ ଯେତିକି ଚିଆଁ ଉତ୍ପାଦନ ହେଉଛି ତାହା ଅନୁଗୋଳ ଜିଲାକୁ ନିଅଁଣ୍ଟ ପଡୁଛି। ଏହାର ପ୍ରମୁଖ କାରଣ ହେଉଛି ସରକାରଙ୍କ ପକ୍ଷରୁ ଚୁକ୍ତି କରିଥିବା କମ୍ପାନୀ ଭୁବନେଶ୍ୱର ଓ ଜଳେଶ୍ୱରରୁ ଆବଶ୍ୟକ ପରିମାଣରେ ଅଣ୍ଡା ପଠାଉ ନାହିଁ। ଚଳିତବର୍ଷ ବର୍ତ୍ତମାନ ସୁଦ୍ଧା ମାତ୍ର ୮ ହଜାର ଚିଆଁ ଉତ୍ପାଦନ ହୋଇଛି। ଗତବର୍ଷ ଏହି ସମୟ ମଧ୍ୟରେ ୨୦ ହଜାର ଉତ୍ପାଦନ କରାଯାଇଥିଲା। ତେବେ ଏପରି ସଙ୍କଟଜନକ ସ୍ଥିତି ଏବେକାର ନୁହେଁ। ଗତ ୮ ବର୍ଷ ତଳୁ ଏହା ଆରମ୍ଭ ହୋଇଛି। ୨୦୧୦ରୁ ୨୦୧୪ ମଧ୍ୟରେ ବିକ୍ରି ହୋଇ ନ ପାରିବାରୁ ପ୍ରସ୍ତୁତ ହଜାର ହଜାର ଚିଆଁ ନଷ୍ଟ ହୋଇଯାଇଥିଲା। ଏଥିଯୋଗୁ କେନ୍ଦ୍ରକୁ ବହୁ କ୍ଷତି ସହିବାକୁ ପଡ଼ିଥିଲା। ଏହା ପୂର୍ବରୁ ମଧ୍ୟ ୧୯୯୫ରୁ ୨୦୦୫ ପର୍ଯ୍ୟନ୍ତ ୧୦ ବର୍ଷ ଧରି ଏହି କେନ୍ଦ୍ରରେ ଉତ୍ପାଦନ ବନ୍ଦ ରହିଥିଲା। ଅନୁଗୋଳ ଜିଲା ହେବା ପରେ ଏହି ସଙ୍କଟ ଦେଖାଯାଇଥିଲା। ଏହା ପୂର୍ବରୁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ କିସମର ଅଣ୍ଡା ଅଣାଯାଇ ଏଠାରେ ଚିଆଁ ପ୍ରଜନନ ହେଉଥିଲା। ସେ ସମୟରେ କଳିଙ୍ଗ ବ୍ରାଉନ ସହ କଡ଼କ ନାଥ ଓ ବନରାଜ ଭଳି ଚିଆଁ ବାହାର କରାଯାଇ ରାଜ୍ୟର ବିଭିନ୍ନ କୋଣ ଅନୁକୋଣକୁ ପଠାଯାଉଥିଲା। ଏଠାରେ ଏକା ଥରକେ ୫ ହଜାର ଅଣ୍ଡା ଚିଆଁ ପାଇଁ ରଖାଯାଇପାରୁଥିଲା। ଏହାର ୭ ଦିନ ପରେ ମଧ୍ୟ ଆଉ ଅଣ୍ଡା ରଖାଯାଇ ଉତ୍ପାଦନ ହୋଇପାରୁଥିଲା। କିନ୍ତୁ ବର୍ତ୍ତମାନ ସେ ସୁବିଧା ନାହିଁ। ଏହାଛଡ଼ା କର୍ମଚାରୀ ସଙ୍କଟ ମଧ୍ୟ ଦେଖାଦେଲାଣି। କୁକୁଡ଼ା ପାଳନ ପାଇଁ ଥିବା ଗୃହଗୁଡ଼ିକ ମଧ୍ୟରୁ କେତେକ ରକ୍ଷଣା ବେକ୍ଷଣ ଅଭାବରୁ ଭାଙ୍ଗିରୁଜି ଗଲାଣି। ସଫେଇ ହେଉ ନ ଥିବାରୁ ଏହି କେନ୍ଦ୍ର ବଣବୁଦାରେ ପରିଣତ ହୋଇଗଲାଣି। ସରକାର ଏଥିପ୍ରତି ଦୃଷ୍ଟି ଦେଲେ ଏହି ପ୍ରଜନନ କେନ୍ଦ୍ର ପୁଣିଥରେ ରାଜ୍ୟରେ ନିଜ ପୂର୍ବ ପରିଚୟ ଫେରି ପାଇପାରନ୍ତା ବୋଲି ଡାକ୍ତର ଗଡ଼ନାୟକ ପ୍ରକାଶ କରିଛନ୍ତି।


ଅନୁଗୋଳ କୁକୁଡା ଚିଆଁ ପ୍ରଜନନ କେନ୍ଦ୍ର।


ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଆୟୋଜିତ ପଥପ୍ରାନ୍ତ ସଭା।

# ଦାବିପୂରଣ ପାଇଁ ପଦଯାତ୍ରା, ପଥପ୍ରାନ୍ତ ସଭା

**ଛେଣ୍ଡିପଦା,୧୯।୯(ଡି.ଏନ.ଏ.)**

ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ଆହ୍ୱାନ କ୍ରମେ ଛେଣ୍ଡିପଦା ବ୍ଲକ ଶାଖା ପକ୍ଷରୁ ବୁଧବାର ସଚେତନତା ପଦଯାତ୍ରା ସହ ପଥପ୍ରାନ୍ତ ସଭା ଆୟୋଜନ କରାଯାଇଥିଲା। କୋରଡା, ଦୁର୍ଗାପୁର ଏବଂ ତୁକୁଡା ପଞ୍ଚାୟତର ସମସ୍ତ ଗ୍ରାମରେ ଏହି ପଦଯାତ୍ରା ଆୟୋଜନ କରାଯାଇ ଶିକ୍ଷୟିତ୍ରୀ ଶିକ୍ଷକ ଅଧ୍ୟାପିକା ଅଧ୍ୟାପକ କର୍ମଚାରୀଙ୍କ ସମସ୍ୟା ସମାଧାନ ପାଇଁ ଦାବି କରାଯାଇଥିଲା। ବିଧାନସଭା ସମ୍ମୁଖରେ ଦୀର୍ଘ ଦିନ ଧରି ଆନ୍ଦୋଳନ ଜାରି ରହିଥିଲେ ମଧ୍ୟ ସେମାନଙ୍କ ଦାବି ପ୍ରତି କର୍ଣ୍ଣପାତ କରୁ ନ ଥିବାରୁ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁ ରହିବ ବୋଲି ମିଳିତ ମଞ୍ଚ ପକ୍ଷରୁ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀକାନ୍ତ କୁମାର ସାହୁ, ଗୌତମ ସାହୁ, ସୁଶୀଲ କୁମାର ପ୍ରଧାନ, ବିଜୟ କୁମାର ସାହୁ, ଜୟକୃଷ୍ଣ ରାଉତ, କଲ୍ୟାଣକର ତ୍ରିପାଠୀ, ହୃଦାନନ୍ଦ ସାହୁ, ହରମୋହନ ଦାଶ, ନିରଞ୍ଜନ ନାଏକ, ଭବାନୀ ପ୍ରସାଦ ସାହୁ ପ୍ରମୁଖ ପ୍ରକାଶ କରିଛନ୍ତି। ସଭାରେ ବ୍ଲକର ୧୪ଟି ହାଇସ୍କୁଲ, ୩ଟି ଏମ୍ଇ ସ୍କୁଲ ଏବଂ ୩ଟି କଲେଜର ଶିକ୍ଷକ କର୍ମଚାରୀ ସାମିଲ ହୋଇଥିଲେ।

## ■କ୍ଷତିପୂରଣ ଦେଉନି ଜାତୀୟ ରାଜପଥ ବିଭାଗ

# କ୍ଷତିଗ୍ରସ୍ତ ତହସିଲଦାରଙ୍କ ଦ୍ୱାରସ୍ଥ


ତହସିଲଦାରଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା କତଡା ଗ୍ରାମବାସୀ।

**ଛେଣ୍ଡିପଦା,୧୯।୯(ଡି.ଏନ.ଏ.)**

ଅନୁଗୋଳ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥ ସମ୍ପ୍ରସାରଣ କାମ ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା(ଏନ୍‌ଏଚ୍‌ଏଆଇ) ପକ୍ଷରୁ ଚାଲୁ ରହିଛି। ହେଲେ ରାଜପଥ ନିର୍ମାଣରେ ଘର, ଦୋକାନ, ଜମି ଆଦି ହରାଇଥିବା କ୍ଷତିଗ୍ରସ୍ତଙ୍କୁ ରାଜପଥ ବିଭାଗ କ୍ଷତିପୂରଣ ପ୍ରଦାନ କରୁ ନ ଥିବା ଅଭିଯୋଗ କରିଛନ୍ତି ଛେଣ୍ଡିପଦା ତହସିଲ ଅନ୍ତର୍ଗତ ଜରପଡା ଥାନା କତଡା ଗ୍ରାମବାସୀ। ଏପରିକି ଅନୁଗୋଳ ଜିଲା ଭୂଅର୍ଜନ ବିଭାଗ ପକ୍ଷରୁ ମଧ୍ୟ ଠିକ୍ ଭାବେ କ୍ଷୟକ୍ଷତି ଆକଳନ କରାଯାଇ ନ ଥିବା ଅଭିଯୋଗ କରି ଅଞ୍ଚଳବାସୀ ବୁଧବାର ତହସିଲଦାରଙ୍କ ଦ୍ୱାରସ୍ଥ ହୋଇଛନ୍ତି। କ୍ଷତିପୂରଣ ରାଶି ପ୍ରଦାନ କରାଯିବା କ୍ଷେତ୍ରରେ ଟାଳଟୁଳ ନୀତି ଅବଲମ୍ବନ, ଦାୟିତ୍ୱରେ ଥିବା ଠିକା ସଂସ୍ଥା ପକ୍ଷରୁ ଜୋରଜବରଦସ୍ତି ଘରଦ୍ୱାର ଭଙ୍ଗା ଯାଉଥିବା, ପୋଲିସ ଫୋର୍ସ ମାଧ୍ୟମରେ ମିଥ୍ୟା ମକଦ୍ଦମା ଧମକ ଦିଆଯାଉଥିବା ଆଦି ନେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସାମାଜିକ କର୍ମୀ ପଦ୍ମ ଚରଣ ମିଶ୍ରଙ୍କ ନେତୃତ୍ୱରେ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ତହସିଲଦାର ଡାନିଏଲ ଏକ୍କା ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

### ବାର୍‌ହା ଆକ୍ରମଣରେ ଜଣେ ଗୁରୁତର

**ବଇଣ୍ଡା, ୧୯।୯(ଡି.ଏନ.ଏ.)**

ଠାକୁରଗଡ ଥାନା ସାପଘରା ପଞ୍ଚାୟତ ଖମାର ଗ୍ରାମର ସୁବଳ ସେଠୀ(୫୦) ବୁଧବାର ବାର୍‌ହା ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଗ୍ରାମବାସୀ ପାଇକସାହି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ସୁବଳ ନିକଟସ୍ଥ ପଡିଆକୁ ମେଣ୍ଢା ଚରାଇବାକୁ ଯାଇଥିବାବେଳେ ଧାନ ଖାଇବାକୁ ଆସିଥିବା ଏକ ବାର୍‌ହା ତାଙ୍କୁ କାମୁଡ଼ି ଦେଇଥିଲା। ତାଙ୍କୁ ଚିକିତ୍ସା ପାଇଁ ସରକାରୀ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

### ଗିରି ଗୋବର୍ଦ୍ଧନ ପୂଜା

**ଛେଣ୍ଡିପଦା,୧୯।୯(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ଦୁର୍ଗାପୁର ଟାଙ୍ଗିରୀ ସାହି ଗ୍ରାମ ନିକଟସ୍ଥ ଦାନ୍ତିଆଣୀ ପାହାଡ ଶୀର୍ଷ ଦେଶରେ ବୁଧବାର ବାର୍ଷିକ ଗିରିଗୋବର୍ଦ୍ଧନ ପୂଜା ଅନୁଷ୍ଠିତ ହୋଇଛି। ଏହାସହ ମା' ଦାନ୍ତିଆଣୀଙ୍କ ପୂଜା ଉତ୍ସବ ଯଥାବିଧି ମଧ୍ୟ ପାଳିତ ହୋଇଛି। ହୋମଯଜ୍ଞ, ଅହୋରାତ୍ର ନାମ ସଂକୀର୍ତ୍ତନ, ପୁରାଣ ପାଠ, ପ୍ରସାଦସେବନ ଆଦି କାର୍ଯ୍ୟକ୍ରମର ବ୍ୟବସ୍ଥା ହୋଇଥିଲା। ଆଖପାଖ ଅଞ୍ଚଳର ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗ୍ରାମ ପରିଚାଳନା କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଗ୍ରାମବାସୀ ସହଯୋଗ କରିଥିଲେ।

## ■୨ ମାସ ହେଲା ଦରମା ମିଳିନି

# ରେଞ୍ଜ ଅଧିକାରୀଙ୍କୁ ଅଭିଯୋଗ କଲେ ୱାଚର

**ବନ୍ତଲା, ୧୯।୯ (ଡି.ଏନ.ଏ.)**

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟକୁ ୨୪ ଘଣ୍ଟିଆ ସୁରକ୍ଷା ଦେଉଥିବା ୱାଚରମାନଙ୍କୁ ୨ ମାସ ହେଲା ଦରମା ଦିଆଯାଇ ନାହିଁ। ବୁଧବାର ଏ ନେଇ ପମ୍ପାସର ରେଞ୍ଜର ସମସ୍ତ ୱାଚର ରେଞ୍ଜ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଖବର ପାଇ ଏସ୍ଇଏଫ୍. ଶୁଭେନ୍ଦୁ ବେହେରା ପହଞ୍ଚି ଦଶହରା ପୂର୍ବରୁ ଦରମା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତ ଦେଇଛନ୍ତି।

ପ୍ରକାଶ ଯେ, ପମ୍ପାସର, ରାଇଗୁଡ଼ା, ପୁରୁଣାକୋଟ, ଟିକରପଡ଼ା ଓ ଜିଲିଣ୍ଡା ରେଞ୍ଜକୁ ନେଇ ସାତକୋଶିଆ ବନ୍ୟପ୍ରାଣୀ ବନଖଣ୍ଡ ଗଠିତ। ଅଭୟାରଣ୍ୟର ରେଞ୍ଜ କାର୍ଯ୍ୟାଳୟ, ତନଖି ଫାଟକ, ବିଟ୍ ହାଉସ ସହ ଜଙ୍ଗଲ ମଧ୍ୟରେ ଜନ୍ତୁ ଶିକାରୀ, କାଠ ମାଫିଆ ଓ ନିଆଁ ଦାଉରୁ ଅଭୟାରଣ୍ୟକୁ ସୁରକ୍ଷିତ ରଖିବାକୁ ପ୍ରାୟ ୩ ଶହରୁ ଊର୍ଦ୍ଧ୍ୱ ୱାଚରଙ୍କୁ ନିଯୁକ୍ତି ଦିଆଯାଇଛି। ବନ ବିଭାଗ ମାଧ୍ୟମରେ ଏକ ସଂସ୍ଥା ଏମାନଙ୍କୁ ମାସିକ ୫ ହଜାର ୫ ଶହ ଟଙ୍କା ଦରମା ଦେଉଛି। କିନ୍ତୁ ଠିକ୍ ସମୟରେ ଦରମା ପାଉ ନ ଥିବାରୁ ୱାଚରମାନେ ହଇରାଣ ହେଉଛନ୍ତି। ଏପରିକି ମୂଳ ଦରମାରୁ ଇପିଏଫ୍, ମେଡିକାଲ ଆଲାଉନ୍ସ ଓ ବିଭିନ୍ନ ବାବଦରେ ଟଙ୍କା କଟାଯାଉଥିବା ବେଳେ ତାହା କୁଆଡ଼େ ଯାଉଛି ୱାଚରମାନେ ଜାଣି ପାରୁନାହାନ୍ତି। ସ୍ୱାସ୍ଥ୍ୟ ବୀମା ପାଇଁ ଟଙ୍କା ନିଆଯାଉଥିଲେ ମଧ୍ୟ ଅସୁସ୍ଥତା ବେଳେ ସେମାନଙ୍କୁ ଚିକିତ୍ସା ସହାୟତା ମିଳୁନାହିଁ। ତେଣୁ ତୁରନ୍ତ ସେମାନଙ୍କୁ ଦରମା ପ୍ରଦାନ ପାଇଁ ଦାବି ହୋଇଛି। ଏ ବିଷୟରେ ଡିଏଫଓ ଏସ୍ଏମ୍ଡିଟି ରହମାନ କୁହନ୍ତି, ଜୁନ ମାସ ପର୍ଯ୍ୟନ୍ତ ଦରମା ଦିଆ ସରିଛି। ଜୁଲାଇ ଓ ଅଗଷ୍ଟ ମାସର ଦରମା ବାକି ଅଛି। ଆଲଟମେଣ୍ଟ ଆସିଲେ ଖୁବ୍‌ଶୀଘ୍ର ସେମାନଙ୍କୁ ପ୍ରାପ୍ୟ ପ୍ରଦାନ କରାଯିବ।



ୱାଚରମାନେ ଅଭିଯୋଗ କରିବାକୁ ଆସିଛନ୍ତି।

# ମହିଳାମାନେ ସଚେତନ ହେବାକୁ ପରାମର୍ଶ


କାର୍ଯ୍ୟକ୍ରମରେ ପ୍ରଶାସନିକ ଅଧିକାରୀଙ୍କ ସମେତ ଜୀବିକା ମିଶନ କର୍ମକର୍ତ୍ତା ଓ ଅନ୍ୟମାନେ।

**ଛେଣ୍ଡିପଦା,୧୯।୯(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ପ୍ରଶାସନ ଏବଂ ଓଡ଼ିଶା ଜୀବିକା ମିଶନ ପକ୍ଷରୁ ବୁଧବାର 'ସ୍ୱାଭିମାନ' ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଜୀବିକା ମିଶନ ବିପିଏମ ମାନସୀ ରାଉତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ଉପାଧ୍ୟକ୍ଷା ସୁଷମା ରାଉଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋମାଞ୍ଚଳ ଖମାରୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ପ୍ରଧାନ, ସମନ୍ୱିତ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ସେବାଷ୍ଟିନା କୁଜୁର ପ୍ରମୁଖ ଯୋଗ ଦେଇଥିଲେ। ସ୍ୱାଭିମାନ ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳର ମହିଳା, କିଶୋରୀ, ବାଳିକା, ନବବିବାହିତା, ଗର୍ଭବତୀମାନେ କିପରି ସୁସ୍ଥ ରହିବେ ସେ ନେଇ ସଚେତନ କରାଯାଇଥିଲା। ଛେଣ୍ଡିପଦା ବ୍ଲକର କତଡା, କମ୍ପସଲା, ନିଶା, ପରଙ୍ଗ ରାଇଝରଣ, ବରପଦା ପଞ୍ଚାୟତର ଆଦିବାସୀ ହରିଜନ ପରିବାରକୁ ସ୍ୱାଭିମାନ ଯୋଜନାରେ ସାମିଲ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଅନୁଗୋଳର ୟୁନିସେଫ ସଂଯୋଜକ ରଶ୍ମିରେଖା ପ୍ରଧାନ ଓ ଜୀବିକା ମିଶନ ଯୁବ ସଂଯୋଜକ ଅସିମ ସ୍ନିହା ସଭାରେ ଉପସ୍ଥିତ ଥିଲେ। ଜୀବିକା ସଂଯୋଜକ ସଞ୍ଜୟ କୁମାର ସାହୁ, ଦକ୍ଷତା ବିକାଶ ସଂଯୋଜକ ସୁବ୍ରତ କୁମାର ସାହୁ, ଜୀବିକା ସଂଯୋଜିକା ହିରଣ୍ୟମୟୀ ପ୍ରଧାନଙ୍କ ସମେତ ସମସ୍ତ ବାହ୍ୟ ଜୀବିକା ସହଯୋଗୀ, ସିଆରପି, ଏମ୍‌ବିକେ ଏବଂ ନିର୍ବାଚିତ ଲୋକ ପ୍ରତିନିଧି ତଥା ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ■ପାଲଲହଡ଼ାରେ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

# ସ୍ଥାନ ନ ପାଇ ଖରାରେ ସିଝିଲେ

**ପାଲଲହଡ଼ା, ୧୯।୯(ଡି.ଏନ.ଏ.)**

■୧୫୦୯ ଦିବ୍ୟାଙ୍ଗ ପଞ୍ଜୀକୃତ

■ଅବ୍ୟବସ୍ଥା ନେଇ ଅସନ୍ତୋଷ

ପାଲଲହଡ଼ା ସଦର ମହକୁମା ସ୍ଥିତ ମହତାବ ଉଚ୍ଚ ବିଦ୍ୟାଳୟଠାରେ ବୁଧବାର ବ୍ଲକ ପ୍ରଶାସନ ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ତେବେ ଶିବିରରେ ନାମ ପଞ୍ଜୀକରଣ ନିମନ୍ତେ ଆସିଥିବା ଭିନ୍ନକ୍ଷମଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇ ନ ଥିବା ନେଇ ଅସନ୍ତୋଷ ଦେଖାଯାଇଥିଲା। ଏପରିକି ହିତାଧିକାରୀଙ୍କ ନିମନ୍ତେ ପାନୀୟ ଜଳ ତଥା ବସିବା ପାଇଁ ସୁବିଧା କରାଯାଇ ନ ଥିବାରୁ ସେମାନେ ଅସୁବିଧାର ସମ୍ମୁଖୀନ ହୋଇଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ଶିବିରରେ ମୋଟ ୧୫୦୯ ଜଣଙ୍କ ନାମ ପଞ୍ଜୀକରଣ କରାଯାଇଥିବା ଜଣାପଡିଛି।

ଶିବିରରେ ପାଲଲହଡ଼ା ଉପଜିଲାପାଳ ଅଜିତ କୁମାର ପ୍ରଧାନ ମୁଖ୍ୟଅତିଥି, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ମୁକେଶ କୁମାର ପାଲ, ଜିଲା ସମାଜ ସୁରକ୍ଷା ଅଧିକାରୀ ମାଧବ ଚନ୍ଦ୍ର ବରାଡ଼, ବିଡିଓ ତ୍ରିବିକ୍ରମ କୁମୁରା ଯୋଗ ଦେଇଥିଲେ। ୨୭ ଟି ପଞ୍ଚାୟତର ଭିନ୍ନକ୍ଷମମାନେ ନାମ ପଞ୍ଜୀକରଣ ପାଇଁ ଶିବିରରେ ପହଞ୍ଚିଥିଲେ। ହଜାର ହଜାର ହିତାଧିକାରୀ ସେଠାରେ ପହଞ୍ଚିଥିଲେ ହେଁ ସେମାନଙ୍କ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇ ନ ଥିବା ଦେଖିବାକୁ ମିଳିଥିଲା। ବସିବାକୁ ଯାଗା ନ ହେବାରୁ ବହୁ ହିତାଧିକାରୀ ବାହାରେ ଛିଡା ହୋଇ ଖରାରେ ସିଝିଥିଲେ। ପିଇବାପାଣିର ମଧ୍ୟ ବ୍ୟବସ୍ଥା ନ ଥିବାରୁ ସେମାନେ ହନ୍ତସନ୍ତ ହୋଇଥିଲେ। ସେହିପରି ଅପରାହ୍ନ ୪ଟାରେ ଡାକ୍ତରଙ୍କ ଅନୁପସ୍ଥିତି ଯୋଗୁ ଅନେକ ଭିନ୍ନକ୍ଷମ ପଞ୍ଜୀକୃତ ହୋଇ ନ ପାରି ଫେରିଯାଇଥିବା ଜଣାପଡିଛି। ମୋଟ ୧୫୦୯ ଜଣ ଭିନ୍ନକ୍ଷମ ପଞ୍ଜୀକୃତ ହୋଇଥିବା ସୂଚନା ଦିଆଯାଇଛି। ଅସ୍ଥିଶଲ୍ୟ ବିଭାଗରେ ୬୫୪ ଜଣ, କର୍ଣ୍ଣବାଧିତ ବିଭାଗରେ ୧୭୧, ଦୃଷ୍ଟିବାଧିତ ବିଭାଗରେ ୧୫୩, ମାନସିକ ଅନଗ୍ରସର ବିଭାଗରେ ୨୭୯, ଶିଶୁ ବିଭାଗରେ ୭୨ ଏବଂ ଭେଷଜ ବିଭାଗରେ ୧୮୦ ଜଣଙ୍କ ନାମ ପଞ୍ଜୀକୃତ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ୪ ଜଣିଆ ଡାକ୍ତରୀ ଟିମ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଅବ୍ୟବସ୍ଥା ସମ୍ପର୍କରେ ପାଲଲହଡା ବିଡିଓ କୁମୁରାଙ୍କୁ ପଚାରିବାରେ କହିଛନ୍ତି, ପୂର୍ବରୁ ପଞ୍ଜୀକୃତ ହୋଇଥିବା ଭିନ୍ନକ୍ଷମମାନେ ଆଉଥରେ ଆସିଯିବାରୁ ଭିଡ ବଢିଯାଇଥିଲା। ଫଳରେ ଏପରି ପରିସ୍ଥିତି ଉପୁଜିଥିଲା। ପାଲଲହଡା ଏବିଡିଓ ଏସ ନୈବେଦ୍ୟ ଲଲାଟେନ୍ଦୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚାୟତ ଅଧିକାରୀ ଭାସ୍କର ଚନ୍ଦ୍ର ବେହେରା, ଯୋଗାଣ ନିରୀକ୍ଷକ ପିଣ୍ଟୁ ବେହେରା, ସୁଶାନ୍ତ କୁମାର ସାହୁ, ଅତୁଲ୍ୟ କୁମାର ସାହୁ, ଅଜୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଭୁଜାଲିରେ ହାଣି ୫୦ ହଜାର ଲୁଟ୍

**କାମାକ୍ଷାନଗର, ୧୯।୯(ଡି.ଏନ.ଏ.)**

କାମାକ୍ଷାନଗର ଥାନା ବ୍ରାହ୍ମଣିଆ ବାଙ୍କମଞ୍ଜୁରୀ ନିକଟରେ ସୁନୀଲ ମିଶ୍ର ବୁଧବାର ଲୁଟ୍‌ର ଶିକାର ହୋଇଛନ୍ତି। ଦୁର୍ବୃତ୍ତମାନେ ଭୁଜାଲିରେ ଆକ୍ରମଣ କରିବା ସହ ତାଙ୍କଠାରୁ ୫୦ ହଜାର ଟଙ୍କା ଲୁଟି ନେଇଥିବା ଥାନାରେ ଅଭିଯୋଗ ହୋଇଛି। ସୁନୀଲ ବାଟଗାଁ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା ସହାୟତାରେ କଷ୍ଟମର ସର୍ଭିସ ପଏଣ୍ଟ (ସିଏସ୍‌ପି) ଖୋଲିଛନ୍ତି। ପୂର୍ବାହ୍ନ ୧୧ଟାରେ ସେ ୫୦ ହଜାର ଟଙ୍କା ନେଇ ସିଏସ୍‌ପିକୁ ଯାଉଥିବାବେଳେ ଏକ କଳା ପଲ୍‌ସରରେ ୩ଜଣ ଦୁର୍ବୃତ୍ତ ଆସି ତାଙ୍କୁ ଅଟକାଇଥିଲେ। ତାଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରାଇବା ସହ ଭୁଜାଲିରେ ଆକ୍ରମଣ କରି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ପୋଲିସ ସୂଚନା ପାଇ ତଦନ୍ତ ଆରମ୍ଭ କରିଛି। ଖବର ଲେଖାଯିବା ସୁଦ୍ଧା କାହାରିକୁ ଗିରଫ କରାଯାଇନାହିଁ। କିଛିଦିନର ନୀରବତା ପରେ ପୁଣି ଥରେ କଳା ପଲ୍‌ସର ଆତଙ୍କ ଦେଖାଦେଇଥିବା ନେଇ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ସାପ କାମୁଡ଼ାରେ ବୃଦ୍ଧ ମୃତ

**ଢେଙ୍କାନାଳ ଅଫିସ, ୧୯।୯**

ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ନଡ଼ିଆଳୀ ଗ୍ରାମର ଧରଣୀଧର ସାହୁ (୬୫) ବୁଧବାର ସାପ କାମୁଡ଼ାରେ ପ୍ରାଣ ହରାଇଛନ୍ତି। ଭୋର୍ ୫ଟାରେ ଧରଣୀଧର ଶୌଚ ହେବାକୁ ଘର ନିକଟ ପଡ଼ିଆକୁ ଯାଇଥିବାବେଳେ ତାଙ୍କ ବାମ ଗୋଡ଼କୁ ଏକ ବିଷଧର ସାପ କାମୁଡ଼ି ଦେଇଥିଲେ। ଘରକୁ ଫେରି ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଫାଣ୍ଡି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲା। ଏ ନେଇ ନଂ. ୪୦/୧୮ରେ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଫାଣ୍ଡି ଅଧିକାରୀ ସରୋଜ ପାଣି ସୂଚନା ଦେଇଛନ୍ତି।

### ବ୍ଲକ ବିଜେଡି ସଭାପତିଙ୍କ ଘରୁ ଲୁଟ୍

**ରାସୋଳ, ୧୯।୯(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ବିଜେଡି ସଭାପତି ବରୁଣ ସରଙ୍କ ଘରୁ ମଙ୍ଗଳବାର ରାତିରେ ସୁନା ଚେନ୍ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ବରୁଣଙ୍କ ମା' ପ୍ରେମଲତାଙ୍କ ବେକରୁ ସୁନାଚେନ୍ ଛିଣ୍ଡାଇ ନେଇଯାଇଛନ୍ତି। ଏ ସଂକ୍ରାନ୍ତରେ ରାସୋଳ ଥାନାରେ ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ବରୁଣଙ୍କ ଘର କଳିଙ୍ଗାପାଳ ଗ୍ରାମରେ। ରାତି ପ୍ରାୟ ୨ଟା ବେଳେ ଦୁଇଜଣ ଦୁର୍ବୃତ୍ତ ଘରେ ପଶିଥିଲେ। ଶୋଇଥିବା ଅବସ୍ଥାରେ ପ୍ରେମଲତାଙ୍କ ବେକରୁ ସୁନାଚେନ୍ ସହ ତାଙ୍କ ପାଖରେ ଥିବା ନଗଦ ୧ ହଜାର ଟଙ୍କା ନେଇଯାଇଥିଲେ। ଲୁଟ୍ ହୋଇଥିବା ଚେନ୍‌ର ମୂଲ୍ୟ ପ୍ରାୟ ୮୦ ହଜାର ଟଙ୍କା ହେବ। ଏ ନେଇ ଥାନାରେ ଅଭିଯୋଗ ହୋଇଛି। ଅଞ୍ଚଳରେ ବାରମ୍ବାର ଚୋରି ବଢୁଥିବାରୁ ଏହାକୁ ନେଇ ଅସନ୍ତୋଷ ଦେଖାଦେଇଛି।

### ଢେଙ୍କାନାଳ ତୀରନ୍ଦାଜୀ ସଂଘକୁ ସ୍ୱୀକୃତି

**ଢେଙ୍କାନାଳ ଅଫିସ, ୧୯।୯**

ଓଡ଼ିଶା ତୀରନ୍ଦାଜୀ ସଂଘ ସହ ଅନୁବନ୍ଧିତ ହେବାପରେ ଢେଙ୍କାନାଳ ତୀରନ୍ଦାଜୀ ସଂଘକୁ ସ୍ୱୀକୃତି ମିଳିଛି। ଏଣିକି ଜିଲାର ତୀରନ୍ଦାଜମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଇପାରିବେ ବୋଲି ବୁଧବାର ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ଆସନ୍ତା ଅକ୍ଟୋବର ୬ରୁ ୮ ତାରିଖ ଯାଏ ଭଦ୍ରକ ଜିଲା ଓଲଙ୍ଗା ପଞ୍ଚାୟତର ମିନି ଷ୍ଟାଡିୟମରେ ତୀରନ୍ଦାଜୀ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି। ଏଥିରେ ଭାଗ ନେବାକୁ ଆଗ୍ରହୀ ପ୍ରତିଯୋଗୀମାନେ ୨୫ ତାରିଖ ସୁଦ୍ଧା ଅନ୍‌ଲାଇନରେ ପଞ୍ଜୀକରଣ କରିପାରିବେ ବୋଲି ଜିଲା ସମ୍ପାଦକ ଅମିୟ କୁମାର ଚାନ୍ଦ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି।

### ବିଶ୍ୱକର୍ମା ପୂଜା ପାଳିତ

**ଭୁବନ/ଓଡ଼ାପଡ଼ା, ୧୯।୯(ଡି.ଏନ.ଏ.)**

ଭୁବନ ଅଞ୍ଚଳର ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନରେ ସୋମବାର ବିଶ୍ୱକର୍ମା ପୂଜା ପାଳିତ ହୋଇଯାଇଛି। ପାନୀୟ ଜଳ ଯୋଗାଣ ବିଭାଗ, ବିଦ୍ୟୁତ୍ ବିଭାଗ, ପ୍ରାଇଭେଟ୍ ବସ୍ ଓନର ଆସୋସିଏଶନ, ମୋଟର ଚାଳକ ସଂଘ ପକ୍ଷରୁ ଦେବଶିଳ୍ପୀଙ୍କୁ ଆବାହନ କରାଯାଇଥିଲା। ସେହିପରି ଓଡ଼ାପଡ଼ାସ୍ଥିତ ଜିଲା କୋଠାବାଡ଼ି ନିର୍ମାଣ ତଥା ଅସଙ୍ଗଠିତ ଶ୍ରମିକ ସଂଘ ପକ୍ଷରୁ ଯଥାରୀତି ବିଶ୍ୱକର୍ମାଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ସନ୍ତୋଷ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସଂଘ ସମ୍ପାଦକ ପଦ୍ମଚରଣ ରାଉତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

---

**■ ଘରୁ ଟାଣିନେଇ ପୂଜକଙ୍କୁ କଚାଡ଼ି ଦେଲା ଦନ୍ତା**

# ଉତ୍ତେଜନା, ରାଜପଥ ଅବରୋଧ



୫୫ନଂ. ଜାତୀୟ ରାଜପଥକୁ ଅଞ୍ଚଳବାସୀ ଅବରୋଧ କରିଛନ୍ତି।

**ଢେଙ୍କାନାଳ ଅଫିସ, ୧୯।୯**

ଢେଙ୍କାନାଳ ସଦର ଥାନା ଅଙ୍କରାନ୍ତିପୁର ଅଞ୍ଚଳର ମନ୍ଦିର ପୂଜକ ଶ୍ରୀନିବାସ ଦେହୁରୀ(୫୫) ମଙ୍ଗଳବାର ରାତିରେ ଦନ୍ତା ଆକ୍ରମଣର ଶିକାର ହୋଇଛନ୍ତି। ଉନ୍ମତ୍ତ ହାତୀ ତାଙ୍କୁ ଘରୁ ଟାଣି ଆଣି କଚାଡ଼ି ଦେଇଛି। ଗୁରୁତର ଅବସ୍ଥାରେ ଶ୍ରୀନିବାସଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବୁଧବାର ସକାଳ ୬ଟାରୁ ଅଞ୍ଚଳବାସୀ ଅଙ୍କରନ୍ତିପୁର ନିକଟ ୫୫ନଂ. ଜାତୀୟ ରାଜପଥକୁ ୪ ଘଣ୍ଟା ଧରି ଅବରୋଧ କରିଥିଲେ।

ମିଳିଥିବା ସୂଚନା ଅନୁଯାୟୀ, ଗୋଠରୁ ଅଲଗା ହୋଇ ଉକ୍ତ ଦନ୍ତା ହାତୀ ଗ୍ରାମରେ ପଶିଥିଲା। ଶ୍ରୀନିବାସଙ୍କ ଘରକୁ ଯାଇ ଶୁଣ୍ଢରେ କବାଟ ପିଟିଥିଲା। ଦୁଇଥର କବାଟକୁ ଧକ୍କାଦେବା ପରେ ପୂଜକ କେହି ଡାକୁଥିବା ଭାବି କବାଟ ଖୋଲିଥିଲେ। ହଠାତ୍ ହାତୀ ତାଙ୍କୁ ଶୁଣ୍ଢରେ ଟେକି ନେଇ ଆକ୍ରମଣ କରିଥିଲା। ଗୁରୁତର ଅବସ୍ଥାରେ ସରପଞ୍ଚ ପ୍ରମୋଦ ନାୟକ ଏବଂ ପରିବାର ଲୋକେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ପରେ କଟକ ସ୍ଥାନାନ୍ତର କରାଯାଇଛି। ଦାଣ୍ଡିମାଳ, ମହିନ୍ଦ୍ରପୁର, ଗଦାଶିଳା, ରସାସିଂହ, ପଶାସିଂହ, କାଉଁରିଆପାଳ ଅଞ୍ଚଳରେ ହାତୀ ଉପଦ୍ରବ ସୀମା ଟପିଲାଣି। ଏହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବନ ବିଭାଗ ହାତୀ ଘଉଡ଼ାବାରେ ବିଫଳ ହେଉଥିବାରୁ ଧନଜୀବନ ହାନି ହେଉଛି। ଏହାର ପ୍ରତିବାଦରେ ଲୋକେ ଜାତୀୟ ରାଜପଥ ଅବରୋଧ କରି ଅସନ୍ତୋଷ ଜାହିର କରିଥିଲେ। ଥାନାଧିକାରୀ ମଳୟ ନାୟକ, ରେଞ୍ଜର ପ୍ରସନ୍ନ ବିଶ୍ୱାଳ ପ୍ରମୁଖ ବନ କର୍ମଚାରୀଙ୍କ ସହ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଆହତଙ୍କୁ ସହାୟତା ପ୍ରଦାନ କରାଯିବ। ସମସ୍ତ ଚିକିତ୍ସା ଖର୍ଚ୍ଚ ବନ ବିଭାଗ ବହନ କରିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ପୂର୍ବାହ୍ନ ୧୦ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ରାସ୍ତା ଅବରୋଧ କାରଣରୁ ରାଜପଥର ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା।

---

# ପୋଲିଓ ଇଞ୍ଜେକ୍ସନରୁ ଶିଶୁ ମୃତ୍ୟୁ ଅଭିଯୋଗ

**■ ଥାନାରେ ମାମଲା, ଉତ୍ତେଜନା**

**■ ସ୍ୱାସ୍ଥ୍ୟ ଅଧିକାରୀ ଅଟକ**

**ଓଡ଼ାପଡ଼ା, ୧୯।୯(ଡି.ଏନ.ଏ.)**

ପୋଲିଓ ନିପାତ କରିବାକୁ ବିଶ୍ୱବ୍ୟାପୀ ଚାଲିଛି ସ୍ୱତନ୍ତ୍ର ଅଭିଯାନ। ବୁନ୍ଦା ସାଙ୍ଗକୁ କୋମଳମତି ଶିଶୁଙ୍କୁ ଦିଆଯାଉଛି ଇଞ୍ଜେକ୍ସନ। ହେଲେ ଏହି ଇଞ୍ଜେକ୍ସନ ଯୋଗୁ ଜଣେ ଶିଶୁ ପ୍ରାଣ ହରାଇଥିବା ଭଳି ସଙ୍ଗିନ ଅଭିଯୋଗ ଆସିଛି। ମୃତକ ହେଲେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ କମଲାଙ୍ଗ ପଞ୍ଚାୟତ ବରସାହିର ଦୁଷ୍ମନ୍ତ ପେଣ୍ଢେଇ ଏବଂ ସାବିତ୍ରୀ ପେଣ୍ଢେଇଙ୍କ ଦୁଇମାସର ଶିଶୁପୁତ୍ର ସଞ୍ଜିତ୍। ଏ ନେଇ ବୁଧବାର କଣ୍ଟାବଣିଆ ଥାନାରେ ଅଭିଯୋଗ ହୋଇଛି।

ମଙ୍ଗଳବାର ବରସାହି ଅଙ୍ଗନୱାଡି କେନ୍ଦ୍ରର ଶିଶୁଙ୍କୁ ପୋଲିଓ (ଆଇପିଭି), ପେଣ୍ଟା ଇଞ୍ଜେକ୍ସନ ସହ ରୋଟା ଔଷଧ ଖାଇବାକୁ ଦିଆଯାଇଥିଲା। ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ଟାରେ ସଞ୍ଜିତକୁ ଇଞ୍ଜେକ୍ସନ ଏବଂ ଔଷଧ ଦିଆଯାଇଥିଲା। ଅପରାହ୍ନ ଯାଏ ଶିଶୁ ନିକଟରେ କୌଣସି ପ୍ରତିକ୍ରିୟା ପରିଲକ୍ଷିତ ହୋଇ ନ ଥିଲା। ହେଲେ ଅପରାହ୍ନ ୫ଟା ବେଳକୁ ସଞ୍ଜିତଙ୍କ ସାମାନ୍ୟ ଜ୍ୱର ହୋଇଥିଲା। ଇଞ୍ଜେକ୍ସନର ସ୍ୱାଭାବିକ ପାର୍ଶ୍ୱ ପ୍ରତିକ୍ରିୟା ଭାବି ପରିବାର ଲୋକେ ଡାକ୍ତରଙ୍କୁ ଦେଖାଇ ନ ଥିଲେ। ବିଳମ୍ବିତ ରାତିରେ ଶିଶୁ ଗୁରୁତର ହୋଇପଡ଼ିବା ସହ ଶ୍ୱାସକ୍ରିୟାରେ ସମସ୍ୟା ଦେଖାଦେଇଥିଲା। ବୁଧବାର ଭୋର୍‌ରୁ ପରିବାର ଲୋକେ ତାଙ୍କୁ ଅନୁଗୋଳ ଚିକିତ୍ସାଳୟକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଘଟଣା ପ୍ରଚାରିତ ହେବା ପରେ ସମ୍ପୃକ୍ତ ଅଞ୍ଚଳରେ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ସନ୍ତାନକୁ ହରାଇ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ସୂଚନାପାଇ ଓଡ଼ପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଦାୟିତ୍ୱରେ ଥିବା ଡାକ୍ତର ଅନନ୍ତ ରାଉଳ ସହକର୍ମୀଙ୍କ ସହିତ ଗ୍ରାମରେ ପହଞ୍ଚିଥିଲେ। ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦେଖି ଗ୍ରାମବାସୀ ଅଧିକ ଉତ୍ତେଜିତ ହୋଇପଡ଼ିବା ସହ ସେମାନଙ୍କୁ ଅଟକ ରଖିଥିଲେ। ଖବର ପାଇ କଣ୍ଟାବଣିଆ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପୋଲିଓ ତଥା ଅନ୍ୟ ଇଞ୍ଜେକ୍ସନ ନେବାଦ୍ୱାରା ଶିଶୁର ମୃତ୍ୟୁ ହୋଇଥିବା ସଞ୍ଜିତଙ୍କ ଜେଜେବାପା ଶିକର ପେଣ୍ଢେଇ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ନଂ. ୯୪/୧୮, ଦଫା ୩୦୪(ଏ)ରେ ମାମଲା ରୁଜୁ କରାଯିବା ସହ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

ଏ ସଂକ୍ରାନ୍ତରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାସୁଦେବ ବେହେରା କୁହନ୍ତି, ଦେଢମାସର ଶିଶୁକୁ ପୋଲିଓ ସହିତ ଅନ୍ୟାନ୍ୟ ଇଞ୍ଜେକ୍ସନ ଦିଆଯାଇଥିଲା। ତାଙ୍କ ପୂର୍ବରୁ ୪୦ଜଣ ଶିଶୁଙ୍କୁ ମଧ୍ୟ ଏସବୁ ଇଞ୍ଜେକ୍ସନ ଦିଆଯାଇଥିଲା। ଇଞ୍ଜେକ୍ସନ ନେବାର ଘଣ୍ଟାଏ ମଧ୍ୟରେ କୌଣସି ଅସୁବିଧା ହୋଇ ନ ଥିଲା। ଅନ୍ୟ ଶିଶୁଙ୍କ କୌଣସି ସମସ୍ୟା ହୋଇନାହିଁ। ପୋଲିଓ ଇଞ୍ଜେକ୍ସନରୁ ଶିଶୁର ମୃତ୍ୟୁ ହୋଇଛି ବୋଲି ଆମେ କିପରି ଭାବିବା ସେ ପାଲଟା ପ୍ରଶ୍ନ କରିଛନ୍ତି। କ୍ଷୀର ପିଇବା ବେଳେ ଚୋକ୍ ହେବା, ଧୂଆଁ କିମ୍ବା ଅନ୍ୟ ରୋଗ ଶିଶୁ ମୃତ୍ୟୁର କାରଣ ହୋଇଥାଇପାରେ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି।

---

# ୪୯ ଅଙ୍ଗନୱାଡ଼ି କର୍ମୀଙ୍କୁ ତାଲିମ



ଶିବିରରେ ଉପସ୍ଥିତ ଅଙ୍ଗନୱାଡ଼ି କର୍ମୀମାନେ।

**ରାସୋଳ, ୧୯।୯(ଡି.ଏନ୍.ଏ.)**

ହିନ୍ଦୋଳ ବ୍ଲକ ବାଙ୍କଟିଆ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗଣେଶ୍ୱର କ୍ଲବ ଏବଂ ଆଇଏଲ୍‌ଫିୟୁଏସ୍‌ର ମିଳିତ ଆନୁକୂଲ୍ୟରେ ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ଦୁଇଦିନିଆ ଦକ୍ଷତା ବିକାଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନବକିଶୋରପୁର, ଖଲିବୋରେଇ, ବମ୍ପା, ଗଣ୍ଡାନାଳୀ, କୁକୁଟା, ଜରଡ଼ା, କୁନୁଆ ଓ ଦଣ୍ଡିରି ପଞ୍ଚାୟତରେ କାର୍ଯ୍ୟରତ ୪୯ଜଣ ଅଙ୍ଗନୱାଡ଼ି କର୍ମୀ ପ୍ରଶିକ୍ଷଣ ନେଇଥିଲେ। ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ବେର୍ଣ୍ଣାଡେଟ୍ ବାଲା ମୁଖ୍ୟଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବାଲିଗୁଡ଼ାସ୍ଥିତ ବନବାସୀ ସେବା ସମିତି ଅଙ୍ଗନୱାଡ଼ି ପ୍ରଶିକ୍ଷଣ କେନ୍ଦ୍ରର ଅଧକ୍ଷା ମମତା ଦାସ ପ୍ରଶିକ୍ଷିକା ଭାବେ ଯୋଗଦେଇ ନୃତ୍ୟ, ଗୀତ, ଦଳଗତ ପ୍ରଦର୍ଶନ ମାଧ୍ୟମରେ ପ୍ରାକ୍ ଶିକ୍ଷା, ଗୋଷ୍ଠୀ ସମ୍ପର୍କ, ଅପପୁଷ୍ଟି ସଚେତନତା ଓ ଶିଶୁ ବିକାଶ ସମ୍ପର୍କରେ ତାଲିମ ଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ରାଜେନ୍ଦ୍ର ପାଳ ଶିବିର ପରିଚାଳନା କରିଥିବାବେଳେ ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

---

## ଫଟୋରେ ଖବର



ଢେଙ୍କାନାଳ ଫଟୋ ଓ ଭିଡିଓ ଜର୍ନାଲିଷ୍ଟ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ସାମ୍ବାଦିକ ଭବନଠାରେ ଆଡମ୍ବର ସହକାରେ ପାଳିତ ହେଉଛି ବିଶ୍ୱକର୍ମା ପୂଜା। ଏହି ଅବସରରେ ଉପସ୍ଥିତ ସଂଘର କର୍ମକର୍ତ୍ତାମାନେ।

---

# ସାମର୍ଥ୍ୟ ଶିବିର ଫାଙ୍କା




ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଫାଙ୍କା ପଡ଼ିଛି।

**ଓଡ଼ାପଡ଼ା, ୧୯।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଓଡ଼ାପଡା ବ୍ଲକ କାର୍ଯ୍ୟାଳୟରେ ବୁଧବାର ଅନୁଷ୍ଠିତ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ପ୍ରହସନ ପାଲଟିଛି। ସଚେତନତା ଅଭାବରୁ ବହୁ ଦିବ୍ୟାଙ୍ଗ ଏଥିରୁ ବଞ୍ଚିତ ହୋଇଥିବାବେଳେ ଶିବିର ଫାଙ୍କା ପଡ଼ିଥିଲା। ଦିବ୍ୟାଙ୍ଗଙ୍କୁ ମୁଖ୍ୟସ୍ରୋତରେ ସାମିଲ କରାଇବା ପାଇଁ ରାଜ୍ୟ ସରକାର ଏପରି ଅଭିନବ ଅଭିଯାନ ଆରମ୍ଭ କରିଛନ୍ତି। ହେଲେ ପ୍ରଶାସନିକ ଅବହେଳାରୁ ଏହା ଫଳପ୍ରସୂ ହୋଇପାରୁ ନ ଥିବା ଅଭିଯୋଗ ହୋଇଛି। ଜିଲାପାଳଙ୍କ ତାଗିଦ୍ ସତ୍ତ୍ୱେ ବ୍ଲକ ପ୍ରଶାସନର ଏପରି ଅବହେଳାକୁ ନାପସନ୍ଦ କରିଛନ୍ତି ଅଞ୍ଚଳର ବୁଦ୍ଧିଜୀବୀ। ଶିବିରରେ ବ୍ଲକର ୨୮ ପଞ୍ଚାୟତରୁ ୨୮୪ଜଣ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୧୩୪ଜଣ ଶାରୀରିକ ଭିନ୍ନକ୍ଷମ, ୭୨ଜଣ ମାନସିକ ଭିନ୍ନକ୍ଷମ, ୩୬ଜଣ ଶ୍ରବଣ ବାଧିତ, ୪୧ଜଣ ଦୃଷ୍ଟି ବାଧିତ ଏବଂ ଜଣେ ମେଡିସିନ ବିଭାଗର। ପଞ୍ଜୀକୃତଙ୍କ ମଧ୍ୟରୁ ୯୩ଜଣ ଶିଶୁ। ଏହି ଅବସରରେ ତହସିଲ ପକ୍ଷରୁ ୪୫ଜଣଙ୍କୁ ଆୟ ପ୍ରମାଣପତ୍ର, ୨୬ଜଣଙ୍କୁ ଡିଆରଆଇ ଯୋଜନାରେ ଋଣ, ୯୦ଜଣଙ୍କୁ ବସ୍ ଓ ଟ୍ରେନ୍ ପାସ୍ ପ୍ରଦାନ କରାଯାଇଥିଲା। ଶିବିରରେ ବିଭିନ୍ନ ବିଭାଗର ଡାକ୍ତରଙ୍କ ସହିତ ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ପ୍ରମୋଦ କୁମାର ମହାଭୋଇ, ବିଡିଓ ଉତ୍କଳ ରଞ୍ଜନ ଆଚାର୍ଯ୍ୟ, ଅତିରିକ୍ତ ତହସିଲଦାର ସୁଦର୍ଶନ ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

---

## ଡକାୟତି ଯୋଜନା ପଣ୍ଡ, ୫ ଗିରଫ

**ବଉଁରପାଳ, ୧୯।୯(ଡି.ଏନ.ଏ.)**

ବଉଁରପାଳ ଥାନା ଯୋରାଗାଡ଼ିଆ ନିକଟରେ ମଙ୍ଗଳବାର ରାତିରେ ଡକାୟତି ଯୋଜନା କରୁଥିବା ୫ ଜଣଙ୍କୁ ପୋଲିସ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖଡଗପ୍ରସାଦ ଅଞ୍ଚଳର ଜିତୁ ବେହେରା (୨୫), କୁସୁପଙ୍ଗା ଗ୍ରାମର ଦୈତାରୀ ନାୟକ (୩୦) ଖଡଗପ୍ରସାଦର ଜଗାରଥ ନାୟକ (୩୦), ଅନୁଗୋଳର ମନୋଜ ଜେନା ଏବଂ ଟେଣ୍ଟୁଲୋଇର ସୁବ୍ରତ ନାୟକ। ସେମାନଙ୍କ ନାମରେ ପୂର୍ବରୁ ମଧ୍ୟ ବିଭିନ୍ନ ଥାନାରେ ମାମଲା ଥିବା ଥାନା ଅଧିକାରୀ କନକ ମାଝି ସୂଚନା ଦେଇଛନ୍ତି।

## ଦେବଶିଳ୍ପୀଙ୍କୁ ବିଦାୟ

**କଣିହାଁ, ୧୯।୯(ଡି.ଏନ.ଏ.)**

କଣିହାଁ ବ୍ଲକ ସେସୁ କାର୍ଯ୍ୟାଳୟରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସେସୁ ଓ ଏନ୍‌ଜେନ୍‌ର ମିଳିତ ସହଯୋଗରେ ବିଶ୍ୱକର୍ମାଙ୍କ ମୃଣ୍ମୟ ପ୍ରତିମାକୁ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯାଇ ଟିକିରା ନଦୀରେ ବିସର୍ଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ଲୋକଙ୍କ ସମେତ କମିଟି ସଦସ୍ୟମାନେ ସାମିଲ ହୋଇଥିଲେ।

---

**■ ହିନ୍ଦୋଳ ଏନ୍‌ଏସିରେ ତେଜିଲା ବିବାଦ**

# ଅଧ୍ୟକ୍ଷାଙ୍କ କାର୍ଯ୍ୟକଳାପକୁ ବିରୋଧ

**■ ମେଳି ବାନ୍ଧୁଛନ୍ତି ଅସନ୍ତୁଷ୍ଟ କାଉନସିଲର**

**■ ଉପାଧ୍ୟକ୍ଷ ବି ଉଠାଇଲେ ସ୍ୱର**

**ହିନ୍ଦୋଳ, ୧୯।୯(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ହିନ୍ଦୋଳ ଏନ୍‌ଏସିରେ ପୁଣି ଥରେ ଆରମ୍ଭ ହୋଇଛି କ୍ଷମତା ଯୁଦ୍ଧ। ଗୋଟିଏ ପଟେ ଏନ୍‌ଏସି ଅଧ୍ୟକ୍ଷା ଓ କର୍ମଚାରୀ ଏବଂ ଅନ୍ୟପଟେ ଉପାଧ୍ୟକ୍ଷଙ୍କ ସମେତ ୧୦ କାଉନସିଲରଙ୍କ ମଧ୍ୟରେ ବିବାଦ ତୀବ୍ର ରୂପ ନେବାରେ ଲାଗିଛି। ଏହି କାରଣରୁ ବିକାଶମୂଳକ କାର୍ଯ୍ୟ ଏକରକମର ଠପ୍ ହୋଇଯାଇଛି। ବିବାଦୀୟ ପରିସ୍ଥିତି ଯୋଗୁ ଗତ ୫ବର୍ଷରେ ଏନ୍‌ଏସିରେ ଆଖିଦୃଶିଆ ଉନ୍ନୟନକାର୍ଯ୍ୟ ହୋଇପାରି ନ ଥିଲା। ଚଳିତ ବର୍ଷ ନିର୍ବାଚନ ପରେ ଏହାର ଅନ୍ତ ହେବା ଆଶାରେ ଥିଲେ ଅଞ୍ଚଳବାସୀ। ହେଲେ ପୁଣି ଥରେ ବିବାଦର ପୁନରାବୃତ୍ତି ବିକାଶରେ ଅନ୍ତରାୟ ହେବା ଆଶଙ୍କା ସୃଷ୍ଟି କରିଛି।

ବର୍ତ୍ତମାନ ୧୬ଜଣ କାଉନ୍‌ସିଲରଙ୍କ ମଧ୍ୟରୁ ୧୩ଜଣ ବିଜେଡିର ହୋଇଥିବାବେଳେ ୨ଜଣ ସ୍ୱାଧୀନ ଓ ଏବଂ ଜଣେ ଭାଜପାର ଅଛନ୍ତି। ସଂଖ୍ୟା ଗରିଷ୍ଠତା ଦୃଷ୍ଟିରୁ ବିଜେଡି କ୍ଷମତା ହାତେଇଥିବାବେଳେ ୫ନଂ. ୱାର୍ଡର କାଉନ୍‌ସିଲର ରୀନା ବେହେରା ଅଧ୍ୟକ୍ଷା ପଦବୀ ସମ୍ଭାଳୁଛନ୍ତି। ହେଲେ ତାଙ୍କ କାର୍ଯ୍ୟକଳାପକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଉପାଧ୍ୟକ୍ଷ ଟିମା ବେହେରାଙ୍କ ସମେତ ୧୦ କାଉନସିଲର। ଏହାର ପ୍ରମୁଖ କାରଣ ଅଧ୍ୟକ୍ଷାଙ୍କ ମନମୁଖି କାର୍ଯ୍ୟ ଏବଂ ଦଳୀୟ କାଉନସିଲରଙ୍କୁ ଅଣଦେଖା ବୋଲି କୁହାଯାଉଛି।

ଏହି ପରିପ୍ରେକ୍ଷୀରେ ଉପାଧ୍ୟକ୍ଷ କୁହନ୍ତି, ଏନ୍‌ଏସି ନିର୍ବାଚନକୁ ୫ମାସ ବିତିଯାଇଥିବା ବେଳେ କାର୍ଯ୍ୟାଳୟ ଲାଗି ତାଙ୍କୁ ସ୍ୱତନ୍ତ୍ର ପ୍ରକୋଷ୍ଠ ଦିଆଯାଇନାହିଁ। ଏ ନେଇ ସେ ବହୁବାର ଆପତ୍ତି କରିଥିଲେ ମଧ୍ୟ କେହି ତାଙ୍କୁ ଗୁରୁତ୍ୱ ଦେଉନାହାନ୍ତି। ଦାବି ପୂରଣ ନ ହେଲେ ସେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ସେ ରାଜ୍ୟ ଗୃହ ଉନ୍ନୟନ ବିଭାଗ, ଏମ୍‌ପି, ବିଧାୟିକା, ଜିଲାପାଳ, ଉପଜିଲାପାଳ ଏବଂ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ସେହିପରି ଏନଏସିରେ ନିୟମିତ ମାସିକ ବୈଠକ ବସୁ ନ ଥିବାରୁ କ୍ଷୋଭବ୍ୟକ୍ତ କରିଛନ୍ତି ୧୦ କାଉନସିଲର। ଗତ ୭ ତାରିଖରେ ଅଭିଯୋଗ ସମ୍ପର୍କରେ ସେମାନେ ଅଧ୍ୟକ୍ଷାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଏ ଦିଗରେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବାରୁ ସେମାନେ ବୁଧବାର ପୁନର୍ବାର ଏକ ଦାବିପତ୍ର ଦେଇଛନ୍ତି। ୫ଦିନ ମଧ୍ୟରେ ବୈଠକ ଡାକି ସମସ୍ୟାର ସମାଧାନ କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଏହା ନ ହେଲେ ଆଇନର ଆଶ୍ରୟ ନେବାକୁ ଉପାଧ୍ୟକ୍ଷ ଟିମା ବେହେରା, କାଉନ୍‌ସିଲର ବିଜୟ ଦାସ, ପ୍ରଦ୍ୟୁମ୍ନ ବେହେରା, ରଶ୍ମିତା ସାହୁ, ପଳଉ ଦେହୁରୀ, ତପନ ପରିଡ଼ା, ପ୍ରଦୀପ ବେହେରା, ରୀତା ପଲେଇ, ବସୁମତୀ ସାହୁ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

ଏ ନେଇ ଅଧ୍ୟକ୍ଷା କୁହନ୍ତି, ଅଭିଯୋଗ ଭିତ୍ତିହୀନ। ଏହା ତାଙ୍କ ବିରୋଧରେ ଷଡ଼ଯନ୍ତ୍ର। ବ୍ୟକ୍ତିଗତ ସ୍ୱାର୍ଥରେ ବାଧା ଆସୁଥିବାରୁ କାଉନ୍‌ସିଲରମାନେ ଏପରି ଅଭିଯୋଗ ଆଣିଛନ୍ତି। ନିୟମ ଅନୁଯାୟୀ ସମସ୍ତ କାର୍ଯ୍ୟ ଠିକ୍ଠାକ୍ ଚାଲିଥିବା ସେ ସ୍ପଷ୍ଟୀକରଣରେ କହିଛନ୍ତି।

## ସଂକ୍ଷେପରେ

### ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ

ବାଲିଆପାଳ,୧୯।୯(ଡି.ଏନ.ଏ.): ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ସ୍ମୃତିରେ ଭାଜପା ପକ୍ଷରୁ କାର୍ଯ୍ୟାଞ୍ଜଳି ସେବା ସପ୍ତାହ ଅବସରରେ ଶ୍ରୀରାମପୁର ହସ୍ପିଟାଲ ପରିସରରେ ମଙ୍ଗଳବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପା ଖପରାଡପଦା ମଣ୍ଡଳ ସଭାପତି ସୁଧାଂଶୁ ତ୍ରିପାଠୀ, ଜିଲା ସାଧାରଣ ସମ୍ପାଦକ ଅଜୟ କୁମାର ସାହୁ, ଜାତୀୟ ପରିଷଦ ସଦସ୍ୟ ଶ୍ୟାମପ୍ରସାଦ ବେହେରା,ବସ୍ତା ନିର୍ବାଚନୀ ମଣ୍ଡଳୀ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମର ସହସଂଯୋଜକ ଦେବବ୍ରତ ନନ୍ଦ,ଜିଲା କମିଟି ସଦସ୍ୟ ଅରବିନ୍ଦ ବେହେରା,ବିଜେପି ନେତା ମନୋଜ ସିଂ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ। ଭାଜପା କର୍ମୀମାନେ ସ୍ୱାସ୍ଥ୍ୟ କେନ୍ଦ୍ର ଭିତରେ ଓ ବାହାରେ ସମସ୍ତ ଅଳିଆ ଆର୍ବଜନାକୁ ସଫା କରିବା ସହିତ ବ୍ଲିଚିଂ ପାଉଡର ପକାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ସୁଶାନ୍ତ ଗିରି ଏଥିରେ ସହଯୋଗ କରିଥିଲେ।

### ଶୋଭାଯାତ୍ରାରେ ଡିଜେ ବ୍ୟବହାର ମନା

ବାହାନଗା, ୧୯।୯(ଡି.ଏନ.ଏ.): ଠାକୁର ଭଷାଣି ହେଉ କି ବିବାହ କାର୍ଯ୍ୟକ୍ରମ ହେଉ , ଏଣିକି ଶୋଭାଯାତ୍ରା ବେଳେ ଡିଜେ ବାଦ୍ୟ ବ୍ୟବହାର ନ କରିବା ଲାଗି ପ୍ରଶାଶନ ପକ୍ଷରୁ ତାଗିଦ କରାଯାଇଛି। ଏ ନେଇ ବାଲେଶ୍ୱର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାର ସମସ୍ତ ବିଡିଓ, ତହସିଲଦାରଙ୍କୁ ଚିଠି ମାଧମରେ ଅବଗତ କରାଯାଇଛି । ଯେଉଁମାନେ ନିର୍ଦ୍ଦେଶ ଅବମାନନା କରିବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଜିଲଶ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ସହଯୋଗ କରିଥିଲେ।

### ୨୫ ଭିନ୍ନକ୍ଷମଙ୍କୁ ସହାୟତା

ବାଲେଶ୍ୱର ଅଫିସ,୧୯।୯: ବାଲେଶ୍ୱର ଜିଲା ରେଡ଼କ୍ରସ୍ ପକ୍ଷରୁ ନୋସି ପାର୍କ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ୨୫ ଜଣ ଭିନ୍ନକ୍ଷମଙ୍କୁ ୧୫ହଜାର ଟଙ୍କା ଲେଖାଏ ପ୍ରଥମ ପର୍ଯ୍ୟାୟରେ ମୁକ୍ୟମନ୍ତ୍ରୀଙ୍କ ରଲିଫ ପାଣ୍ଠିରୁ ସହାୟତା ରାଶି ଯୋଗାଇ ଦିଆଯାଇଛି। ଚା’, ପାନ, ପରିବା ଭଳି ଛୋଟ ଧରଣର ବ୍ୟବସାୟ କରି ମର୍ଯ୍ୟାଦାର ସହ ବଞ୍ଚିବା ସକାଶେ ସରକାରଙ୍କ ପକ୍ଷରୁ କଲ୍ୟାଣକାରୀ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ଜିଲା ରେଡ଼କ୍ରସ୍ ତଥା ଜରୁରୀକାଳୀନ ଅଧିକାରୀ କମଳାକାନ୍ତ ପଣ୍ଡା ସୂଚନା ଦେଇଥିଲେ। ଏହି ଅବସରରେ ଅୟୋଜିତ ରକ୍ତଦାନ ଶିବିରରେ ୪୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ସହଯୋଗରେ ଶିବିର ପରିଚାଳିତ ହୋଇଥିଲା।

### ଗୋଷ୍ଠୀ ସଂଘର୍ଷ ମାମଲାରେ ଜଣେ ଅଟକ

ଆନନ୍ଦପୁର, ୧୯।୯ (ସ୍ୱ.ପ୍ର.): ଘସିପୁର ଥାନା ସଇଲଙ୍ଗ ଛକରେ ଗତ ୬ ତାରିଖରେ ଗୋଷ୍ଠୀ ସଂଘର୍ଷ ଘଟଣାରେ ଜଣେ ପୂର୍ବତନ ବ୍ଲକ ଅଧକ୍ଷଙ୍କୁ ଘସିପୁର ପୋଲିସ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାଯାଇଛି। ସୂଚନାଯୋଗ୍ୟ ଉକ୍ତ ଗୋଷ୍ଠୀ ସଂଘର୍ଷରେ ସମ୍ପୃକ୍ତି ଅଭିଯୋଗରେ ତାଙ୍କୁ କଟକ ମଙ୍ଗୁଳି ଟୋଲ୍‌ଗେଟ ନିକଟରୁ ପୋଲିସ ଧରିନେଇ ଥାନାରେ ଅଟକ ରଖିଥିବା କୁହାଯାଉଛି। ଏନେଇ ପୋଲିସ୍ ପକ୍ଷରୁ କୌଣସି ସୂଚନା ମିଳିପାରି ନାହିଁ।

### ପାଟଣାରେ କବିତା ପାଠୋତ୍ସବ

ପାଟଣା, ୧୯।୯(ସ୍ୱ.ପ୍ର.): ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ସଭା ଗୃହଠାରେ ରବିବାର ପୂର୍ବାହ୍ନରେ କବି, ଭାରତରତ୍ନ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଦେହାବସାନର ଏକମାସ ପୂର୍ତ୍ତି ଅବସରରେ ‘କାବ୍ୟାଞ୍ଜଳି’ ଶୀର୍ଷକ ସ୍ୱରଚିତ କାବ୍ୟ ପାଠ ଅନୁଷ୍ଠିତ ହୋଇଛି। ମକର ଧ୍ୱଜ ନାଏକଙ୍କ ସଂଯୋଜନାରେ କବିତା ପାଠୋତ୍ସବରେ ପଟଣା ଅଞ୍ଚଳର ବହୁ ବିଶିଷ୍ଟ ବର୍ଷୀୟାନ କବି ଓ କବୟିତ୍ରୀ ଉପସ୍ଥିତ ରହି ବାଜପେୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ କବିତା ପାଠ କରିଥିଲେ। ବର୍ଷୀୟାନ କବି ଭିକାରୀ ଚରଣ ନାଏକ, ଶିକ୍ଷାବିତ୍ ଓ ବ୍ୟଙ୍ଗ ସାହିତ୍ୟିକ ଭରତ ଚନ୍ଦ୍ର ସାହୁ, ଗଦାଧର ମହାନ୍ତ, କବୟିତ୍ରୀ ଅନ୍ନପୂର୍ଣ୍ଣା ଦାଶ, ଭାବଗ୍ରାହୀ ମହାନ୍ତ, ପାର୍ଥସାରଥି ବେଜ, ରମେଶ ଚନ୍ଦ୍ର ମହାନ୍ତ ଓ କୃପା ମହାନ୍ତ ପ୍ରମୁଖ କବିତା ପାଠ କରିଥିଲେ। ସାମାଜିକ କର୍ମୀ ଅଖିଳ ନାଏକ, ରାଧାକାନ୍ତ ମହାନ୍ତ, କମଳା କାନ୍ତ ଦାଶ, ଦଶମତି ଚାତାର, ଦୁର୍ଗା ଚରଣ ନାଏକ, ବିକ୍ରମ ମୁଣ୍ଡା, ମମିତା ନାଏକ, ପ୍ରକାଶ ମଲ୍ଲିକ ଓ ପ୍ରହ୍ଲାଦ ପଲେଇ ପ୍ରମୁଖ ବାଜପେୟୀଙ୍କ ବୌଦ୍ଧିକ ଓ ରାଷ୍ଟ୍ରନୀତି ଦିଗ ଉପରେ ଆଲୋକପାତ କରିଥିଲେ।

■ସାତକୋଶିଆରେ ମହିଳାଙ୍କ ମୃତ୍ୟୁ ଘଟଣା

# ଏସ୍‌ଡିପିଓ, ସାଇଣ୍ଟିଫିକ୍ ଟିମ୍ କଲେ ତଦନ୍ତ

ବନ୍ତଲା,୧୯।୯(ଡି.ଏନ.ଏ.)

ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ଅନ୍ତର୍ଗତ ପୁରୁଣାକୋଟ ଥାନା ହାତୀବାରି ଗ୍ରାମର ମହିଳା କୈଳାସ ସାଇଅଙ୍କୁ ଗତ ୧୨ ତାରିଖରେ କେଉଁ ମାଂସାଶୀ ପ୍ରାଣୀ ଆକ୍ରମଣ କରି ମାରିଦେଇଥିଲା ତାହାର ତଦନ୍ତ ପ୍ରକ୍ରିୟା ଜୋର୍ ଧରିଛି। ବୁଧବାର ତଦନ୍ତକାରୀ ଅଧିକାରୀ ଅନୁଗୋଳ ଏସ୍‌ଡିପିଓ ହରିହର ପାଣିଙ୍କ ସହ ସାଇଣ୍ଟିଫିକ୍ ଟିମ୍ ସଦସ୍ୟ ଶାମାମଣି ସାହୁ, ଦେବ ବାରିକ ଓ ଅଜୟ ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ନାଳର କେଉଁ ସ୍ଥାନରେ କୈଳାସ ଗାଧୋଉଥିଲେ ଓ ତାଙ୍କୁ କେମିତି ଉକ୍ତ ମାଂସାଶୀ ପ୍ରାଣୀ ଆକ୍ରମଣ କରି ଘୋଷାଡ଼ି ନେଇଥିଲା ତାହାର ଯାଞ୍ଚ କରିଛନ୍ତି। ଘଟଣା ଘଟିଥିବା ସ୍ଥାନରେ ଥିବା ପାଦଚିହ୍ନ, ରାମ୍ପୁଡ଼ା ଦାଗ, ଶବ କେଉଁ ସ୍ଥାନରେ ପଡ଼ିଥିଲା ସେ ନେଇ ଟିମ୍ ପ୍ରମାଣ ସଂଗ୍ରହ କରିଛି। ଏଥିସହ ଉକ୍ତ ମାଂସାଶୀ ପ୍ରାଣୀକୁ ଘଉଡ଼ାଇବାକୁ ବନ


ସାଇଣ୍ଟିଫିକ୍ ଟିମ୍ ଓ ତଦନ୍ତକାରୀ ଅଫିସର ତଦନ୍ତ କରୁଛନ୍ତି।

ବିଭାଗ କର୍ମଚାରୀମାନେ ଫୁଟାଇଥିବା ବାଣର କିଛି ଅଂଶକୁ ମଧ ଜବତ କରାଯାଇଛି। ପରେ ତଦନ୍ତକାରୀ ଟିମ୍ ଉତ୍ୟକ୍ତ ଲୋକେ ପୋଡ଼ି ଦେଇଥିବା ହାତୀବାରି ବିଟ୍ ହାଉସ, ଟିକରପଡ଼ା ରେଞ୍ଜ କାର୍ଯ୍ୟାଳୟ, ଜଳିଯାଇଥିବା କାର୍, ଫରେଷ୍ଟଗାର୍ଡଙ୍କ କ୍ୱାର୍ଟର୍ସ, ୩ଟି ବଙ୍ଗଳା, କ୍ରୋକୋଡାଇଲ କଞ୍ଜରଭେଶନ ଆୱାରନେସ କ୍ୟାମ୍ପ ସହ ନଷ୍ଟ ହୋଇଯାଇଥିବା ୬ଟି ବୋଟ ଆଦି ବୁଲି ଦେଖିଥିଲେ। ଘଟଣା ସମୟରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକ ଓ ବନ କର୍ମଚାରୀଙ୍କୁ ପଚରାଉଚରା କରିଥିଲେ। ପୁରୁଣାକୋଟ ଥାନା ଆଇଆଇସି ବିଜୟ କୁମାର ହାଇବ୍ରୋ ତଦନ୍ତକାରୀ ଟିମ୍‌କୁ ସହଯୋଗ କରିଥିଲେ। ଏ ସମ୍ପର୍କରେ ଏସ୍‌ଡିପିଓ ପାଣି କୁହନ୍ତି, ଉତ୍ୟକ୍ତ ଲୋକମାନେ ନିଜ ସମ୍ପତ୍ତିକୁ ନଷ୍ଟ କରିଦେଇଛନ୍ତି। ଏହା ଠିକ୍ ନୁହେଁ। ତଦନ୍ତ ସମୟରେ ପାଦଚିହ୍ନ, ପଶୁର ମଳ, ରାମ୍ପୁଡ଼ା ଚିହ୍ନ ସହ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ସଂଗ୍ରହ କରାଯାଇଛି। ରିପୋର୍ଟ ଆସିବା ପରେ ଆକ୍ରମଣକାରୀ ପ୍ରାଣୀ ସମ୍ପର୍କରେ ଜଣାପଡ଼ିବ।

ଅନ୍ୟପକ୍ଷରେ ବାଘୁଣୀ ସୁନ୍ଦରୀ ବୁଧବାର ସନ୍ଧ୍ୟା ସୁଦ୍ଧା ଆଠମଲ୍ଲିକ ବନଖଣ୍ଡ ହାତୀଧର ରିଜର୍ଭର କମଳପୁର, ରଙ୍ଗପୁର ଗାଁ ନିକଟ ଜଙ୍ଗଲରେ ରହିଛି। ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. ସୁଦର୍ଶନ ପଣ୍ଡା କହିଛନ୍ତି, ବାଘୁଣୀ ଆଠମଲ୍ଲିକରେ ଥିବାରୁ ବନ ବିଭାଗର ଟିମ୍ ସେଠାରେ ସମ୍ପୂର୍ଣ୍ଣ ଜଗି ରହିଛନ୍ତି। ଉପଯୁକ୍ତ ସମୟ ଓ ସୁଯୋଗକୁ ଅପେକ୍ଷା କରାଯାଇଛି।



■ଆଠମଲ୍ଲିକ ବନଖଣ୍ଡରେ ସୁନ୍ଦରୀ
■ଜଗିରହିଛନ୍ତି ବନ କର୍ମଚାରୀ

# ସୁନ୍ଦରୀ ଭୟରେ ପାଠପଢ଼ା ଠପ୍

ବଇଣ୍ଡା, ୧୯।୯(ଡି.ଏନ.ଏ.)

ସାତକୋଶିଆ ବାଘୁଣୀ ସୁନ୍ଦରୀକୁ ନେଇ ଏବେ ଆଠମଲ୍ଲିକ ବ୍ଲକ ଧଣ୍ଡାତୋପା ଓ ଆଠମଲ୍ଲିକ ରେଞ୍ଜ ଅଞ୍ଚଳରେ ଆତଙ୍କ ସୃଷ୍ଟି ହୋଇଛି। ଏଥିଯୋଗୁ ଲୋକଙ୍କ ଦୈନନ୍ଦିନ ଜୀବନ ବାଧାପ୍ରାପ୍ତ ହୋଇଥିବାବେଳେ ପାଠପଢାରେ ମଧ ବ୍ୟାହତ ସୃଷ୍ଟି ହୋଇଛି। ବାଘୁଣୀ ଭୟରେ ଶିକ୍ଷକ ଆସୁ ନ ଥିବାରୁ ଅଞ୍ଚଳରେ ଥିବା ସ୍କୁଲଗୁଡିକରେ ଶିକ୍ଷାଦାନ ଠପ୍ ହୋଇଯାଇଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି, ଯାହା ବିପ୍ରଡିହ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ସ୍କୁଲକୁ ଶିକ୍ଷକ ଆସୁ ନ ଥିବାରୁ ୧୫ ଦିନ ହେଲା ପାଠପଢା ବନ୍ଦ ରହିବା ନେଇ ଗ୍ରାମବାସୀ ତଥା ଅଭିଭାବକ ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ବିପ୍ରଡିହ ସ୍କୁଲରେ ପ୍ରଥମରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ୬୫ ଛାତ୍ରୀଛାତ୍ର ପଢୁଛନ୍ତି। ଶିକ୍ଷାଦାନ ପାଇଁ ସେଠାରେ ୨ ଜଣ ଶିକ୍ଷକ ନିଯୁକ୍ତ ହୋଇଛନ୍ତି। ତେବେ ବାଘୁଣୀ ବିପ୍ରଡିହ ଗାଁକୁ ଆସିବା ଭୟରେ ଶିକ୍ଷକ ୨ ଜଣ ବିଦ୍ୟାଳୟକୁ ଯାଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ପିଲାମାନେ ସ୍କୁଲ ଯାଇ ଘରକୁ ଫେରିଆସୁଛନ୍ତି। ତୁରନ୍ତ ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ନେଇ ବିଦ୍ୟାଳୟ ପ୍ରଧାନଶିକ୍ଷକ ସୁରେଶ ପ୍ରଧାନ କୁହନ୍ତି, ଜଙ୍ଗଲ ନିକଟରେ ସ୍କୁଲ ରହିଥିବାବେଳେ ବାଘୁଣୀ ବାରମ୍ବାର ଗାଁ ମୁହାଁ ହେଉଛି। ତେଣୁ ବିଦ୍ୟାଳୟ ଯିବାକୁ ଭୟ ଲାଗୁଛି। ଏ ସମ୍ପର୍କରେ ବିଇଓଙ୍କୁ ଅବଗତ କରାଯାଇଛି। ଏ ନେଇ ବିଇଓ ସୁରେଶ ଚନ୍ଦ୍ର ଦାସ କୁହନ୍ତି, ବିପ୍ରଡିହ ଗ୍ରାମକୁ ସିଆର୍‌ସିଙ୍କୁ ପଠାଇ ଘଟଣାର ତଦନ୍ତ କରାଯିବ।

# ନେତାଙ୍କ ଗାଡ଼ି ଧକ୍କାରେ ଗୁରୁତର ଶିଶୁକନ୍ୟା କଟକରେ ଚିକିତ୍ସାଧୀନ

ଅନୁଗୋଳ ଅଫିସ, ୧୯।୯

ଅନୁଗୋଳ ବ୍ଲକ ବନ୍ତଲା ଥାନା ପୋକତୁଙ୍ଗା ବନ୍ଧଫର ଛକ ଅଞ୍ଚଳରେ ଗତ ୧୫ ତାରିଖ ଅପରାହ୍ନରେ ଦୁର୍ଘଟଣା ଘଟି ଜଣେ ଶିଶୁକନ୍ୟା ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ବନ୍ତଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ସେଠାରୁ ତାଙ୍କୁ କଟକର ଏକ ଘରୋଇ ମେଡିକାଲକୁ ନିଆଯାଇ ଚିକିତ୍ସା କରାଯାଉଛି। ଏ ନେଇ ଥାନାରେ ଅଭିଯୋଗ ହୋଇ ନ ଥିବାରୁ ଘଟଣା ପଦାକୁ ଆସି ନ ଥିଲା। ଦୁର୍ଘଟଣା ଘଟାଇଥିବା ଗାଡ଼ି ଏକ ଜାତୀୟ ଦଳର ଜନୈକ ନେତାଙ୍କର ହୋଇଥିବାରୁ ଚିକିତ୍ସା ବାବଦ ସମସ୍ତ ଖର୍ଚ୍ଚ ସେ ବହନ କରୁଥିବା ଜଣାପଡ଼ିଛି।

ସମ୍ପୃକ୍ତ ନେତାଙ୍କ କହିବା ଅନୁଯାୟୀ, ଉକ୍ତ ଗାଡ଼ିରେ ସେ ନ ଥିଲେ। ସାଙ୍ଗଙ୍କ ଗାଡ଼ିରେ ସେ ଆଗରେ ଚାଲିଯାଇଥିବାବେଳେ ପଛରେ ଆସୁଥିବା ତାଙ୍କ ଗାଡ଼ିରେ ଶିଶୁଟି ଦୌଡ଼ି ଆସି ପିଟି ହୋଇଯାଇଥିଲେ। ଖବରପାଇ ତୁରନ୍ତ ସେ ଘଟଣାସ୍ଥଳରେ ପହଞ୍ଚିଥିଲେ। ଚିକିତ୍ସା ପାଇଁ ଶିଶୁ କନ୍ୟାଙ୍କୁ ପ୍ରଥମେ ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା।



ଦୁର୍ଘଟଣା ଘଟାଇଥିବା ଗାଡ଼ି ପାଖରେ ଶିଶୁ କନ୍ୟା ଜଣକ ପଡ଼ିଛନ୍ତି।

ସେଠାରେ ଡାକ୍ତର ନ ଥିବାରୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ଡାକ୍ତର କଟକ ବଡ଼ ମେଡ଼ିକାଲକୁ ରେଫର କରିଥିଲେ। କିନ୍ତୁ ଦୁର୍ଘଟଣା ସ୍ଥାନରେ ଥିବା ଲୋକମାନେ କଟକର ଏକ ଘରୋଇ ମେଡିକାଲକୁ ପସନ୍ଦ କରୁଥିବାରୁ ଶିଶୁକନ୍ୟାଙ୍କୁ ସେଠାକୁ ନିଆଯାଇଥିଲା। ଉକ୍ତ ମେଡିକାଲର ଡାକ୍ତରଙ୍କ ସହ ସେ ରିତିମତ ଯୋଗାଯୋଗରେ ଅଛନ୍ତି। ଶିଶୁକନ୍ୟାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ସାମାନ୍ୟ ଉନ୍ନତି ହୋଇଛି। ଭଲ ହେବା ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ସେ ବହନ କରିବେ ବୋଲି ନେତା ଜଣକ କହିଛନ୍ତି। ଘଟଣା ସମ୍ପର୍କରେ ବନ୍ତଲା ଥାନା ଅଧିକାରୀ ସବ୍ୟସାଚୀ ରାଉତ କହିଛନ୍ତି, ଏଭଳି ଏକ ଘଟଣା ଘଟିଛି। କିନ୍ତୁ ଥାନାରେ କୌଣସି ଲିଖିତ ଅଭିଯୋଗ ହୋଇନାହିଁ।

## ଏଆଇଡିଏସ୍‌ଓ ପକ୍ଷରୁ ପ୍ରତିବାଦ ଦିବସ

ଅନୁଗୋଳ ଅଫିସ, ୧୯।୯

ଜେଏନ୍‌ୟୁ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ପରାସ୍ତ ହେବାପରେ ଶାସକ ଦଳର ଛାତ୍ର ସଙ୍ଗଠନ କ୍ୟାମ୍ପସ୍ ପରିସରରେ ଯେଉଁ ଆତଙ୍କ କାର୍ଯ୍ୟକଳାପ ଚଳାଇଛି ତାହାକୁ ଏଆଇଡିଏସ୍‌ଓ ସମେତ ବିଭିନ୍ନ ବାମଛାତ୍ର ସଙ୍ଗଠନ ପକ୍ଷରୁ ଦୃଢ଼ ନିନ୍ଦା କରାଯାଇଛି। ଏଥିସହ ଆଜିର ଦିନକୁ ସାରାଭାରତରେ ପ୍ରତିବାଦ ଦିବସ ଭାବେ ପାଳନ କରାଯାଇଛି। ଏହି ଅବସରରେ ବୁଧବାର ଅନୁଗୋଳ ସରକାରୀ ସ୍ୱୟଂଶାସିତ କଲେଜ ସମ୍ମୁଖରେ ଏଆଇଡିଏସ୍‌ଓର ସ୍ଥାନୀୟ ଛାତ୍ରନେତାମାନେ ପ୍ରତିବାଦ ଦିବସ ପାଳନ କରିଥିଲେ। ପରାସ୍ତ ହେବା ପରେ ଉକ୍ତ ଛାତ୍ର ସଙ୍ଗଠନ ଯେଭଳି ଭାବେ ବିଜୟୀ ଛାତ୍ରନେତା, ଅଧ୍ୟାପକ ଓ ପ୍ରଫେସରମାନଙ୍କୁ ମାଡ ମାରିବା, ଜୀବନରୁ ମାରିଦେବାକୁ ଧମକ ଦେବା, ଛାତ୍ରୀମାନଙ୍କୁ ଅସଦ୍‌ବ୍ୟବହାର କରିବା, ବ୍ୟାପକ ଭଙ୍ଗାରୁଜା କରିବା ତଥା ସମସ୍ତଙ୍କୁ ଭୟଭୀତ କରିବା ଭଳି ପରିବେଶ ସୃଷ୍ଟି କରିଚାଲିଛି ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଏଆଇଡିଏସ୍‌ଓ ପକ୍ଷରୁ କୁହାଯାଇଛି। ଏହି ପ୍ରତିବାଦରେ ଛାତ୍ରନେତା ପରମାନନ୍ଦ ସାହୁ, ନାରାୟଣ ନାୟକ, ଶାଶ୍ୱତ ସାହୁ, ନିରୁପମା ନାୟକ, ଶେଖ୍ ଶାହରୁଖ, ଧରମବୀର ହେମ୍ବ୍ରମ୍ ପ୍ରମୁଖଙ୍କ ସମେତ ବହୁ ଛାତ୍ରୀଛାତ୍ର ସାମିଲ ଥିଲେ।

■ତାଳଚେର ବ୍ଲକର ବିଭିନ୍ନ ଗାଁ ବୁଲିଲେ ଏମ୍‌ପି

# ସମସ୍ୟା ବୁଝିଲେ, ଉନ୍ନୟନ ପାଇଁ ଅନୁଦାନ ଦେଲେ


କଙ୍କିଳି ଗ୍ରାମବାସୀ ଏମ୍‌ପିଙ୍କୁ ପାଛୋଟି ନେଉଛନ୍ତି।

ତାଳଚେର,୧୯।୯(ନି.ପ୍ର.)

ଢେଙ୍କାନାଳ-ଅନୁଗୋଳ ଏମ୍‌ପି ତଥାଗତ ସତପଥୀ ବୁଧବାର ତାଳଚେର ବ୍ଲକର ବିଭିନ୍ନ ଗ୍ରାମ ବୁଲି ଉନ୍ନୟନ କାମ ତଦାରଖ କରିବା ସହିତ ଜନସାଧାରଣଙ୍କ ସୁବିଧା, ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ପୂର୍ବାହ୍ନରେ ସତପଥୀ ତାଳଚେର ବ୍ଲକର କଙ୍କିଳି, ସାତପାଟିଆ, ଶିରିଗିଡା, ବ୍ରଜନାଥପୁର, ଅରଖପାଳ, ଗୁରୁଜାଙ୍ଗ ଗ୍ରାମକୁ ଯାଇଥିଲେ। ଗାଁ ମୁଣ୍ଡରେ ପହଞ୍ଚିବା ପରେ ଗ୍ରାମବାସୀ ଏମ୍‌ପିଙ୍କୁ ପାଛୋଟି ନେଇଥିଲେ। ସେଠାରେ ଜନସାଧାରଣ କେଉଁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ସେ ନେଇ ଲୋକଙ୍କ ସହ ଏମ୍‌ପି ସିଧାସଳଖ ଆଲୋଚନା କରିଥିଲେ। ଏଥିସହ ଉପରୋକ୍ତ ଗ୍ରାମଗୁଡ଼ିକର ଉନ୍ନତି ନିମନ୍ତେ ଏମ୍‌ପିଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି (ଏମ୍‌ପି ଲାଡ୍)ରୁ ଅନୁଦାନ ପ୍ରଦାନ କରିଥିଲେ। ନିୟମ ଅନୁଯାୟୀ ଓ ଠିକ୍ ସମୟରେ ପ୍ରକଳ୍ପ ଗୁଡିକ ଶେଷ କରିବାକୁ ଏମ୍‌ପି ପରାମର୍ଶ ଦେଇଥିଲେ। ନଗରପାଳ ପବିତ୍ର ଭୂତିଆ, ବ୍ଲକ ବିଜେଡି ସଭାପତି ନିରଞ୍ଜନ ପ୍ରଧାନ, ଜିଲା ପରିଷଦ ସଭ୍ୟା ନିରୁପମା ପ୍ରଧାନ, ବିଜେଡି ସମ୍ପାଦକ ବିଜୟ ବିଶ୍ୱାଳ, ଯୁବନେତା ଗଦାଧର ସାହୁ, ଈଶ୍ୱର ନାୟକ, ରୀତାରାଣୀ ଦାସ, ଅର୍ଜୁନ ମାହାନ୍ତି, ଆନନ୍ଦ ଆଚାର୍ଯ୍ୟ, ଅକ୍ରୁର ସାହୁ, ବିନୋଦ ଲାଲ, ସରପଞ୍ଚ ମନୋଜ ବେହେରା, କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଏମ୍‌ପିଙ୍କ ସହ ଉପସ୍ଥିତ ଥିଲେ।

■ଜମୁଛି ନାଲ୍‌କୋ ବିଶ୍ୱକର୍ମା ପୂଜା

# ୩ୟ ଦିନରେ ୩୦ ହଜାର ଶ୍ରଦ୍ଧାଳୁ



ସିପିପି ଇଲେକ୍ଟ୍ରିକାଲ।


ନାଲକୋ ପଟ୍ ଲାଇନ୍।

ବଅଁରପାଳ, ୧୯।୯(ଡି.ଏନ.ଏ.)

ଅନୁଗୋଳ ଜିଲା ନାଲ୍‌କୋ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ପୂଜା ପାଇଁ ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିବାବେଳେ ସେଠାରେ ଅଞ୍ଚଳ ଓ ଅଞ୍ଚଳ ବାହାରୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଭିଡ ଜମୁଛି। ବୁଧବାର ପ୍ରାୟ ୩୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିବା ଜଣାପଡିଛି। ପୂଜାରେ ବିଭିନ୍ନ ପୂଜା କମିଟି ପକ୍ଷରୁ ନିର୍ମିତ ଆକର୍ଷଣୀୟ ମଣ୍ଡପ, ତୋରଣ ସହ ସାଜସଜ୍ଜା ଶ୍ରଦ୍ଧାଳଙ୍କୁ ବେଶ ଆକୃଷ୍ଟ କରିଛି। ଭଳିକି ଭଳି ଆଲୋକ ତୋରଣ ଓ ରଙ୍ଗିନ ଆଲୋକ ସଜାରେ ଦର୍ଶକ ବିଭୋର ହୋଇଛନ୍ତି। ଚଳିତ ବର୍ଷ ପଟଲାଇନ କାଷ୍ଟ ହାଉସ, ରୋଡିଂ ଶପ୍, ଠିକାଦାର ସଂଘ, ସିପିପି ଅପରେସନ, ମୋବାଇଲ ସପ, ସିପିପି ମେକାନିକାଲ, କାର୍ବନ ଏରିଆ, ଇଲେକ୍ଟ୍ରିକାଲ ରୋଲିଂ ପ୍ଲାଣ୍ଟ ସମେତ ସମସ୍ତ କମିଟିର ମଣ୍ଡପଗୁଡିକ ବେଶ୍ ଆକର୍ଷଣୀୟ ହୋଇଛି। ସେହିପରି ମିନାବଜର, ଦୋଳି, ସରସ ମେଳା ଆଦିରେ ଲୋକଙ୍କ ଭିଡ ଜମୁଛି। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।



# ଅଷ୍ଟମ ଦିନରେ ସାରସ ମେଳା

ବଅଁରପାଳ, ୧୯।୯(ଡି.ଏନ.ଏ.)

ବିଶ୍ୱକର୍ମା ପୂଜା ଅବସରରେ ନାଲ୍‌କୋ କଲୋନୀରେ ଆୟୋଜନ ହୋଇଥିବା ସାରସ ମେଳା ବୁଧବାର ଅଷ୍ଟମ ଦିନରେ ପହଞ୍ଚିଛି। ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ୩ ଶହରୁ ଊର୍ଦ୍ଧ୍ୱ ଷ୍ଟଲ ଖୋଲାଯାଇଛି। ଓରମାସ୍, ଜିଲା ପ୍ରଶାସନ ଓ ନାଲ୍‌କୋ ସହଯୋଗରେ ଆୟୋଜିତ ଏହି ମେଳାରେ ବୁଧବାର ସୁଦ୍ଧା ପ୍ରାୟ ୨କୋଟି ୭୯ ଲକ୍ଷ ଟଙ୍କାର କାରବାର ହୋଇଥିବା ସୂଚନା ଦିଆଯାଇଛି।

# ସହାୟତା କେନ୍ଦ୍ରରେ ସ୍ୱାସ୍ଥ୍ୟସେବା



ବଅଁରପାଳ, ୧୯।୯(ଡି.ଏନ.ଏ.)

ନାଲ୍‌କୋ ବିଶ୍ୱକର୍ମା ପୂଜା ଅବସରରେ ବଅଁରପାଳ ଖବରଦାତାମାନଙ୍କ ପକ୍ଷରୁ ଏକ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ନାଲକୋ ଟ୍ରକ ମାଲିକ ସଂଘର ସଭାପତି ରାଜୀବ ଜେନା, ସମ୍ପାଦକ ରଞ୍ଜିତ ସେଠ, ସନାତନ କଅଁର, ବୁଲେଶ ଜେନା, ବିଭବ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ଏହି କେନ୍ଦ୍ରରେ ସ୍ୱାସ୍ଥ୍ୟସେବା ସହ ପାନୀୟ ଜଳ, ମୋବାଇଲ ସେବା ଆଦିର ବ୍ୟବସ୍ଥା କରାଯାଇଛି। ସଂଘର ସଭାପତି ଉପେନ୍ଦ୍ର ରାଉତ, ସମ୍ପାଦକ ସନ୍ତୋଷ ମିଶ୍ର, କାର୍ଯ୍ୟକାରୀ ସଭାପତି ସଞ୍ଜୀବ ମାଣ୍ଡୋଠିଆ, ଅଶୋକ ଜେନା, ନିରଞ୍ଜନ ନାୟକ, ଦିବ୍ୟ ରଞ୍ଜନ ସାମଲ, ନିପୁ ଭୂତିଆ, ସମୀର ସାହୁ, ଜଗନ୍ନାଥ ବେହେରା, ଗୋବିନ୍ଦ ଚନ୍ଦ୍ର ଟୁଡୁ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

